## ସଂକ୍ଷେପରେ

### ବିଷକ୍ରିୟାରେ ମହିଳା ମୃତ

ବ୍ରହ୍ମପୁର ଅଫିସ,୩୧।୧୨- ବିଷକ୍ରିୟାରେ ଗୁରୁତର ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ମହିଳାଙ୍କର ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଥାନା କାନକା ଗ୍ରାମର ସୁଦର୍ଶନ ପାହଣଙ୍କ ସ୍ତ୍ରୀ କମା ପାହଣ (୪୨) ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୬୮୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରିବାରିକ କଳହକୁ କେନ୍ଦ୍ରକରି ମଙ୍ଗଳବାର ସକାଳେ କମା ବିଷପାନ କରିଥିଲେ। ସେ ଗୁରୁତର ହୋଇ ବାନ୍ତି କରିବାରୁ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

ଛତ୍ରପୁର,୩୧।୧୨(ଡି.ଏନ୍.ଏ.) ଛତ୍ରପୁର ଥାନା କରାତଳି ଗାଁର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଝିଲି ଖୁଣ୍ଟିଆ। ଏ ନେଇ ଝିଲିଙ୍କ ସ୍ୱାମୀଙ୍କଠାରୁ ଖବରପାଇ ଛତ୍ରପୁର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷରେ ଝିଅକୁ ମାରି ଦିଆଯାଇଥିବା ନେଇ ପୁରୁଷୋତ୍ତମପୁର ବ୍ଲକ ସାହାପୁର ଗ୍ରାମରୁ ଆସି ଝିଲିଙ୍କ ମା' ଛତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଧିକ ଯୌତୁକ ଆଣିବାକୁ ବାଧ କରି ତାଙ୍କୁ ମାରି ଦିଆଯାଇଥିବା ପୋଲିସକୁ ସେ କହିଥିଲେ। ଥାନାରେ (ନଂ.୩୪୮/୧୯) ରୁଜୁ କରାଯାଇଛି। ଝିଲିଙ୍କ ସ୍ୱାମୀଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୩୧।୧୨ ସରକାରୀ ରେଳବାଇ ପୋଲିସ (ଜିଆରପି) ମଙ୍ଗଳବାର ହଳଦିଆପଦର ଲେଭଲ କ୍ରସିଂ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ଲାଞ୍ଜିପଲ୍ଲୀ ସୁବାସ ନଗରର ବନମାଳୀ ପାଣିଗ୍ରାହୀଙ୍କ ପୁଅ ଜଗନ୍ନାଥ ବୋଲି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ.୬୭/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଖବର ପାଇ ଷ୍ଟେଶନ ମାଷ୍ଟର ଜିଆରପିକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିଥିଲା। ତାଙ୍କ ପକେଟରୁ ଏକ ମୋବାଇଲ ଫୋନ ଓ ମନି ପର୍ସ ମିଳିଥିଲା। ଏଥିରେ ଏକ ପେନ୍‌ଡ୍ରାଇଭ, ଫଟୋ ଓ ୭୦ ଟଙ୍କା ଥିବା ପୋଲିସ କହିଛି। ମୋବାଇଲ ନମ୍ବର ମାଧ୍ୟମରେ ପୋଲିସ ମୃତ ଯୁବକଙ୍କ ପରିବାର ବର୍ଗଙ୍କ ସହ ଯୋଗାଯୋଗ କରିଥିଲା। ପରିବାର ବର୍ଗ ମେଡିକାଲରେ ପହଞ୍ଚି ଜଗନ୍ନାଥଙ୍କ ମୃତଦେହ ଚିହ୍ନଟ କରିଥିଲେ। ସୋମବାର ସନ୍ଧ୍ୟାରୁ ଜଗନ୍ନାଥ ଘରୁ କେଉଁଆଡେ ଚାଲିଯାଇଥିବା ବେଳେ ମଙ୍ଗଳବାର ସକାଳେ ରେଳଧାରଣା କଡ଼ରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିବା ପରିବାର ଲୋକେ ପୋଲିସଠାରୁ ସୂଚନା ପାଇଥିଲେ।

# ମାଟିତଳୁ ମିଳିଲା ଯୁବକଙ୍କ କଙ୍କାଳ

■ମୃତକ ତୁନଖାଲ ଗାଁର ଚିତ୍ର ମୁଦୁଲି
■ ମାସକ ତଳୁ ସେ ନିଖୋଜ ଥିଲେ
■ହତ୍ୟା ସନ୍ଦେହ, ଥାନାରେ ଏତଲା

ଦଶମନ୍ତପୁର,୩୧।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଅଞ୍ଚଳରୁ ଗତ ସୋମବାର ମାଟିତଳୁ ଜଣେ ନିଖୋଜ ଯୁବକଙ୍କ କଙ୍କାଳ ମିଳିଛି। ପଞ୍ଚାୟତର ବୋନାସିଲ ଓ ଧର୍ମଗୁଡ଼ା ଗ୍ରାମର ଟିଟିଖୋଲା ନିକଟରୁ ଏହି କଙ୍କାଳ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା ପରେ ପୋତି ଦିଆଯାଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, ଚିକାମ୍ବ ପଞ୍ଚାୟତ ତୁନଖାଲ ଗ୍ରାମର ସମ୍ବାରୀ ମୁଦୁଲିଙ୍କ ସ୍ୱାମୀ ଚିତ୍ର ମୁଦୁଲି (୩୦) ମାସକ ତଳେ ମଦ ପିଇବା ପାଇଁ ଗାଁ ପାଖ ଧର୍ମଗୁଡ଼ାକୁ ଯାଇଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ସାନ ଭାଇ ବୁଦୁ ମୁଦୁଲି ସୋମବାର ଧର୍ମଗୁଡ଼ା ଟିଟିଖୋଲା ପାଖରେ ଚିତ୍ରଙ୍କ ସାର୍ଟ ପଡ଼ିଥିବା ଦେଖି ଗାଁ ଲୋକଙ୍କୁ ଡାକିଥିଲେ। ଖୋଳା ଆଡ଼କୁ ମଣିଷର ମୁଣ୍ଡ ଓ ଗୋଡ଼ର ଅସ୍ଥି ମାଟି ଉପରକୁ ଦେଖାଯାଉଥିଲା। ଖବର ଦିଆଯିବା ପରେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମାଟି ଖୋଳାଯିବା ପରେ କଙ୍କାଳରେ ଥିବା ପୋଷାକକୁ ଦେଖି ଏହା ଚିତ୍ର ମୁଦୁଲିଙ୍କର ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରିଥିଲେ। ଏନେଇ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଥିଲା। ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଚିତ୍ରଙ୍କର ୨ଟି ଝିଅ ଓ ଗୋଟିଏ ପୁଅ ଥିବାବେଳେ ୧୬ ଜଣିଆ କୁଟୁମ୍ବକୁ ସେ ହିଁ ଚଳାଉଥିଲେ।


କଙ୍କାଳ ମିଳିଥିବା ସ୍ଥାନରେ ଗ୍ରାମବାସୀ।

# ଗଞ୍ଜେଇ, ଆଇସର ଗାଡ଼ି ଜବତ: ୨ ଗିରଫ

ସେମିଳିଗୁଡ଼ା,୩୧।୧୨(ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ଥାନା ପୋଲିସ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ସୋମବାର ଅପରାହ୍ନରେ କୋରାପୁଟ-ସେମିଳିଗୁଡ଼ା ୨୬ ନମ୍ବର ଜାତୀୟ ରାଜପଥ ଘାଟିଗୁଡ଼ା ଛକ ନିକଟରେ ଜଗି ରହିଥିଲା। ସେହି ସମୟରେ ଏକ ଆଇସର (ସିଜି୦୭ ସିଏ ୬୪୪୯)କୁ ଅଟକାଇ ତନଖି କରାଯିବା ବେଳେ ସେଥିରୁ ୧୦୧ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଗଞ୍ଜେଇ ଚାଲାଣରେ ସାମିଲ ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୩ଟି ମୋବାଇଲ ଜବତ କରିଛି। ଦୁଇ ଅଭିଯୁକ୍ତ ହେଲେ ସନ୍ତୋଷ କୁମାର (୨୩) ପରିନ ପାଶୱାନ୍ (୩୦)। ସେମାନେ ବିହାର ଅଞ୍ଚଳର ବୋଲି ସୁନାବେଡ଼ା ପୋଲିସ ସୂଚନା ଦେଇଛି। ଏହି ଚାଲାଣରେ ଆର୍‌କେ ମାଳିଗୁଡ଼ା ଗ୍ରାମର ଜଣେ ବ୍ୟବସାୟୀ ବୃଷବ ଖରା (୪୭) ସାମିଲ ଥିବା ଜଣାପଡ଼ିଛି। ଏ ନେଇ ସୁନାବେଡ଼ା ଥାନା କେସ୍ ନମ୍ବର ୨୦୯/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୁନାବେଡ଼ା ଆଇଆଇସି ସୁମିତ୍ରା ଜେନା ସୂଚନା ଦେଇଛନ୍ତି।

# ଦମ୍ପତିଙ୍କ ସହ ୪ ଗିରଫ

ଜୟପୁର,୩୧।୧୨(ଡି.ଏନ୍.ଏ./ନି.ପ୍ର.)

ଆନ୍ଧ୍ରପ୍ରଦେଶରୁ କାର୍ ଯୋଗେ ବିହାର ଚାଲାଣ ହେଉଥିବା ଗଞ୍ଜେଇକୁ ଜୟପୁର ସଦରଥାନା ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ବିହାରର ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନେ ହେଲେ ବିହାରର ପାଟଣା ଜିଲା ଜନକପୁର ଥାନାର ବିଗରାପୁରର ଅନିଲ କୁମାର (୩୮), ତାଙ୍କ ସ୍ତ୍ରୀ ସୁନିତା କୁମାରୀ (୩୦), ବୈଶାଳୀ ଜିଲା କାନପୁରା ଗ୍ରାମର ଦୀନଦୟାଲ ରାୟ (୨୮), ରୁସ୍ତମପୁର ଗ୍ରାମର ରାଜେଶ କୁମାର (୨୭)। ସେହିପରି ୪ଟି ପଲିଥିନ ବସ୍ତାରୁ ୮୦ କିଲୋଗ୍ରାମ ଗଞ୍ଜେଇ, ଚାଲାଣ କରୁଥିବା ନମ୍ବର ବିହୀନ କାର୍, ୩ଟି ମୋବାଇଲ, ଏଟିଏମ୍ ଓ ୫ ଶହ ଟଙ୍କା ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ସୋମବାର ପୂର୍ବାହ୍ନ ୯ଟା ୪୦ରେ ଏସ୍‌ଆଇ ସଂଗ୍ରାମ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ ଚାଲିଥିବା ବେଳେ ଏକ ନମ୍ବରବିହୀନ କାର ଦ୍ରୁତଗତିରେ ଜୟପୁର ଆସୁଥିଲା। ଏହି ସମୟରେ ଜାତୀୟ ରାଜପଥ ୩୨୬ର ଡିମଲା ଗ୍ରାମ ଛକରେ ସନ୍ଦେହ ହେବାରୁ ଉକ୍ତ କାରକୁ ପୋଲିସ ଅଟକାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ମାତାରାମ ଲିୟାଙ୍ଗିଙ୍କ ଉପସ୍ଥିତିରେ ଯାଞ୍ଚ କରାଯାଇଥିଲା। ଏଥିରେ କାର୍‌ରୁ ଗଞ୍ଜେଇ ଜବତ ହେବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏସ୍‌ଆଇ ସୀମା ପ୍ରଧାନ ଏହି ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ଶିବ ଶଙ୍କର ସାହୁ ପ୍ରକାଶ କରିଛନ୍ତି ।


କାର୍, ଜବତ ଗଞ୍ଜେଇ ସହ ୪ ଅଭିଯୁକ୍ତ।

**ଗଞ୍ଜେଇ ଚାଲାଣ**
■କାର୍ ସହ ୮୦ କେଜି ଗଞ୍ଜେଇ ଜବତ
■ଆନ୍ଧ୍ରପ୍ରଦେଶରୁ ଚାଲାଣ ହେଉଥିଲା ବିହାର

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ସଜନାଗଡ଼, ୩୧।୧୨(ଡି.ଏନ.ଏ.): ନୀଳଗିରି ଉପଖଣ୍ଡର ଅଯୋଧ୍ୟା ଅଞ୍ଚଳରେ ୨ଟି ଭାଲୁ ଆତଙ୍କ ଖେଳାଇଛନ୍ତି। ଗୋଟାଏ ଭାଲୁ ଜଣେ ବୃଦ୍ଧଙ୍କୁ ଆକ୍ରମଣ କରି ଗୁରୁତର କରିଥିବା ବେଳେ ଅନ୍ୟ ଏକ ଭାଲୁ ଅଯୋଧ୍ୟା ବଜାରସ୍ଥିତ ଗାଁରେ ପଶି ଆତଙ୍କ ସୃଷ୍ଟି କରିଛି। ଅଯୋଧ୍ୟା ଗୋପାଳପୁର ଗ୍ରାମର ଛଚିନ୍ଦ୍ର ନାୟକ (୭୪) ନିକଟସ୍ଥ ଜଙ୍ଗଲକୁ ପତ୍ର ଆଣିବାକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ଆକ୍ରମଣ କରିଥିଲା। ଛଚିନ୍ଦ୍ରଙ୍କ ଡାହାଣପଟ ଜଙ୍ଘକୁ କାମୁଡ଼ି ଭାଲୁ ଗୁରୁତର କରି ପକାଇଛି। ଚିତ୍କାର ଶୁଣି ପାଖ ଲୋକ ପହଞ୍ଚିବା ବେଳକୁ ଭାଲୁ ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକ ନୀଳଗିରି ଡାକ୍ତରଖାନାକୁ ଅଣାଇଥିଲେ। ସେହପରି ଅନ୍ୟ ଏକ ଭାଲୁ ଅଯୋଧ୍ୟା ବଜାର ନିକଟବର୍ତ୍ତୀ ଗ୍ରାମରେ ପଶି ଅଞ୍ଚଳବାସୀଙ୍କୁ ଆତଙ୍କିତ କରିଛି। ଘଟଣାସ୍ଥଳରେ ନୀଳଗିରି ରେଞ୍ଜର ରୁଦ୍ରାନନ୍ଦ ବାରିକ, ଫରେଷ୍ଟରଙ୍କ ସମେତ ବହୁ ବନ କର୍ମଚାରୀ ଭାଲୁ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

# ଆନ୍ଧ୍ରର ଫାର୍ମରୁ ୪ ଶ୍ରମିକ ଉଦ୍ଧାର


ଜୟପୁର ଶ୍ରମ କାର୍ଯ୍ୟାଳୟରେ ଉଦ୍ଧାର ୪ ଶ୍ରମିକ।

ଜୟପୁର,୩୧।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପ୍ରଶାସନର ପ୍ରଚେଷ୍ଟା ପରେ ଆନ୍ଧ୍ରର ପ୍ରକାଶମ ଜିଲା ଆଙ୍ଗୋଲ ସହର ନିକଟସ୍ଥ ଏକ ଚିଙ୍ଗୁଡ଼ି ଫାର୍ମରୁ ଜିଲାର ଜୟପୁର ବ୍ଲକର ୩ ଏବଂ ନନ୍ଦପୁର ବ୍ଲକର ଜଣେ ଶ୍ରମିକ ଉଦ୍ଧାର ହୋଇଛନ୍ତି। ସେମାନଙ୍କୁ ଉକ୍ତ ଅଞ୍ଚଳର ଶ୍ରମ ବିଭାଗ ଓ ପୋଲିସ ସହାୟତାରେ ଗତ ସୋମବାର ଉଦ୍ଧାର କରାଯାଇଛି । ସମସ୍ତ ୪ ଜଣ ଶ୍ରମିକ ମଙ୍ଗଳବାର ଜୟପୁର ଜିଲା ଶ୍ରମ କାର୍ଯ୍ୟାଳୟରେ ସନ୍ଧ୍ୟା ୭ଟା ୩୦ରେ ପହଞ୍ଚିଥିଲେ। ଉଦ୍ଧାର ଶ୍ରମିକମାନେ ହେଲେ ଜୟପୁର ବ୍ଲକ ବୋରିଗୁମ୍ମା ଥାନା ରାଣୀଗଡ଼ ପଞ୍ଚାୟତ ନୂଆଗୁଡ଼ା ଗ୍ରାମର ଶୋଭା ପରଜା (୨୨), ସନିଆ ପରଜା (୧୮), କାଙ୍ଗୁ ପରଜା (୧୮) ଏବଂ ନନ୍ଦପୁର ଥାନାର ଜିତେନ୍ଦ୍ର ପାଙ୍ଗି (୨୭)। ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ଓ ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କ ଉପସ୍ଥିତିରେ ସମସ୍ତ ଉଦ୍ଧାର ଶ୍ରମିକଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ କୋରାପୁଟ ଶ୍ରମ ନିରୀକ୍ଷକ ପଦ୍ମଚରଣ ପଣ୍ଡା, ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପର ମ୍ୟାନେଜର ବିନାୟକ ସାନ୍ତ୍ରା ଉପସ୍ଥିତ ଥିଲେ।

# ହାସ୍ୟ-ସଙ୍ଗୀତରେ ଜମିଲା ବର୍ଷର ଅନ୍ତିମ ସନ୍ଧ୍ୟା



ଜୟପୁରରେ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ।


ନୂତନ ବର୍ଷ ପାଇଁ ସମବେତ ଦର୍ଶକ।

ଜୟପୁର,୩୧।୧୨(ଡି.ଏନ୍.ଏ.)

ସାରା ବିଶ୍ୱ ୨୦୨୦କୁ ସ୍ୱାଗତ କରିବା ପୂର୍ବରୁ ପୁରୁଣା ବର୍ଷର ଅନ୍ତିମ ସନ୍ଧ୍ୟାକୁ ଉପଭୋଗ କରିଛନ୍ତି। ଜୟପୁର ସହରରେ ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜୟନଗରସ୍ଥିତ ଲେକ୍ ପ୍ଲେସିଡରେ ସଂଗୀତ ଓ ଅନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ହସେଇଥିବା ବେଳେ କଟକର ଗୋଲ୍ଡେନ ମେଲୋଡି ସଂଗୀତ ପରିବେଷଣ କରି ମନୋରଞ୍ଜନ କରିଥିଲା। ସନ୍ଧ୍ୟା ସାଢ଼େ ୭ରୁ ମଧ୍ୟରାତ୍ରି ଯାଏ ଚାଲିଥିଲା ମନୋରଞ୍ଜନ କାର୍ଯ୍ୟକ୍ରମ। ରାଇଜିଂ ଷ୍ଟାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିରୋ ନାଇଟ୍ ସେଲିବ୍ରେସନ ସହ ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା। ଏଥିରେ ତୁଳସୀ ବେହେରା, ଶକ୍ତି ବେହେରା, ଗଣେଶ ବେହେରା, ଲାଲଟୁ ମହାପାତ୍ର, ପିଣ୍ଟୁ ରାଉତ, ମନୋଜ ଦାଶ, ତରୁଣ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ମନ ଛୁଇଁଲା ନାଟକ 'ବାଜି ରାଉତ'

**ଅଲିପୁର ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ**

ଖଇରା,୩୧।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁର ସରସ୍ୱତୀ ମନ୍ଦିରର ଦ୍ୱାଦଶ ବାର୍ଷିକୋତ୍ସବ ସଭା ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ନାଟକ ବାଜି ରାଉତ ଦର୍ଶକଙ୍କ ମଧ୍ୟରେ ଭାବାବେଗ ସୃଷ୍ଟି କରିଥିଲା। ଦିଲୀପ କୁମାର ସେଠୀଙ୍କ ନିର୍ଦ୍ଦେଶିତ ଏହି ନାଟକର ପ୍ରତ୍ୟେକ ଚରିତ୍ରମାନଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସରପଞ୍ଚ ହରିହର କୁଣ୍ଡୁ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୋଟିଏ ଶିଶୁ ତାର ପାରିପାର୍ଶ୍ୱିକ ଅବସ୍ଥା, ସାଙ୍ଗସାଥୀ, ମା'ବାପା, ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଖରୁ ଅନେକ କିଛି ଶିଖିଥାଏ। ଏହା ଅନୁକୂଳ ହେଲେ ଶିଶୁଟିର ଭବିଷ୍ୟତ ଉଜ୍ଜ୍ୱଳ ହେଇଥାଏ ବୋଲି ପ୍ରକାଶ କରିଥିଲେ। ସିଆରସିସି ଲମ୍ବୋଦର ନନ୍ଦ, ଖଇରା ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ଶଶିକାନ୍ତ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉମାକାନ୍ତ ନାୟକ ବିବରଣୀ ପାଠ କରିଥିଲେ। ପ୍ରଧାନଆଚାର୍ଯ୍ୟ ଜୟନ୍ତ କୁମାର ମାଝି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଗୁରୁମା ଗୁରୁଜୀ, ପରିଚାଳନା କମିଟି ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜୟପୁରର ପ୍ରଥମ ବିଧାୟକଙ୍କ ତିରୋଧାନ ଦିବସ

ଜୟପୁର,୩୧।୧୨(ନି.ପ୍ର./ଡି.ଏନ୍.ଏ.)

ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଥମ ବିଧାୟକ ସ୍ୱର୍ଗତ ଲଇଛନ ନାୟକଙ୍କ ୪୧ତମ ତିରୋଧାନ ଦିବସ ମଙ୍ଗଳବାର ପାଳିତ ହୋଇଛି। ଲଇଛନ ନାୟକ ମାର୍ଗ ଲେବର ଅଫିସ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ପ୍ରଥମଥର ପାଇଁ ନାଗରିକ କମିଟିର କର୍ମକର୍ତ୍ତାଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଭାରତ ସ୍ୱାଧୀନ ହେବା ପରେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୧୯୫୨ରେ ପ୍ରଥମଥର ବିଧାୟକ ହୋଇଥିଲେ। ସେ ଏଠାରୁ ୧୯୫୨ରୁ ୧୯୫୭ ଓ ୧୯୫୭ରୁ ୧୯୬୨ ଯାଏ ଦୁଇଥର ବିଧାୟକ ନିର୍ବାଚିତ ହୋଇ ଦାୟିତ୍ୱ ନିର୍ବାହ କରିଥିଲେ। ଜୟପୁର ନାଗରିକ କମିଟିର ସଭାପତି ମୀନକେତନ ଦାସ ଓ ସୁରେଶ ଦାସ, କେଦାରନାଥ ବେହେରା, ନାରାୟଣ ସଗର, ନରେଶ ନାଥ ନାୟକ, ଜି. ଭେଙ୍କଟରାଓ, ବୈରାଗୀ ସାହୁ ପ୍ରମୁଖ ସ୍ୱର୍ଗତ ଲଇଛନ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ନାୟକଙ୍କ ନାମରେ ଏକ ପୁଷ୍ପ ବାଟିକା ଓ ଲାଇବ୍ରେରି ପ୍ରତିଷ୍ଠା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଇଛି। କାର୍ଯ୍ୟକ୍ରମରେ ଲଇଛନଙ୍କ ପୁତ୍ର ରାମ ନାୟକ, ବରିଷ୍ଠ କଂଗ୍ରେସ ନେତା ମଦନ ନାୟକ, ସୁକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ଭବନରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେଠାରେ ବିନୋଦ ମହାପାତ୍ର, କାନ୍ତ ପାଢ଼ୀ, ରାମ ନାୟକ, ମଦନମୋହନ ନାୟକ, ସୁକାନ୍ତ ପଟ୍ଟନାୟକ, ଦିଲାବର ସାହା ଥିଲେ।


ଲଇଛନ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ସୀମାନ୍ତ ଗାଁରେ ପହଞ୍ଚିବ ବ୍ଲକ ପ୍ରଶାସନ

**ପ୍ରସ୍ତୁତି ବୈଠକ**
■ଆୟୋଜିତ ହେବ ସ୍ୱାସ୍ଥ୍ୟ ଶିବିର
■ବଣ୍ଟାଯିବ କମ୍ବଳ, ଭତ୍ତା, ପଟ୍ଟା

ପଟ୍ଟାଙ୍ଗି,୩୧।୧୨(ଡି.ଏନ୍.ଏ.)

ଉପଜିଲାପାଳ ଲଳିତ କୁମାର କହଁରଙ୍କ ନିର୍ଦ୍ଦେଶ କ୍ରମେ ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ଏଫ୍‌ଆଇସି ସଭାଗୃହରେ ବିଡିଓ କରୁଣାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ କୋଟିଆ ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ଗାଁରେ ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ହୋଇଛି। ଆସନ୍ତା ୨ ତାରିଖରେ ଆନ୍ଧ୍ର ସୀମାନ୍ତ ଗ୍ରାମ ନେରଡିବାଲସାରେ ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଶିବିରରୁ ଆରମ୍ଭ କରି କମ୍ବଳ, ବାର୍ଦ୍ଧକ୍ୟ ଭତ୍ତା, ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯିବ। ଏହିସବୁ ସରକାରୀ ଯୋଜନାକୁ ସେଠାକାର ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କୃଷି ଅଧିକାରୀଙ୍କଠାରୁ ଆରମ୍ଭ କରି ଶିଶୁ ବିକାଶ ଯୋଜନାର ସୁପରଭାଇଜର, ପଶୁସମ୍ପଦ ଓ ଶିକ୍ଷା ବିଭାଗ ଅଧିକାରୀ ଦୃଷ୍ଟି ଦେବା ଦରକାର ବୋଲି ବିଡିଓ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ତାଡିବାଲସା, ଆରୁଜୁବାଲସା, ଝାଙ୍ଗରବାଲସା ଓ ପାନୁଗୁଲୁବାଲସା ଗ୍ରାମବାସୀଙ୍କୁ ଏହିସବୁ ସୁବିଧା ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟ ପକ୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ୪ରେ କୋଟିଆ, ୭ରେ ସୁଙ୍କି ଓ ୯ରେ ପଟ୍ଟାଙ୍ଗି ପଞ୍ଚାୟତରେ ସାମର୍ଥ୍ୟ ଶିବିର ଆୟୋଜିତ ହେବ। ଏହି ପ୍ରସ୍ତୁତି ବୈଠକରେ ସହକାରୀ କୃଷି ଅଧିକାରୀ ଅଭିମନ୍ୟୁ ସ୍ୱାଇଁ, ଏବିଇଓ ଈଶ୍ୱର ବେହେରା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସାଲୁ କୁମାର ଟୁଡୁ, ବିଏସ୍‌ଏସ୍‌ଓ ସୌଦାମିନୀ ପ୍ରଧାନ, ଏପିଓ ସନ୍ତୋଷୀ ମହାପାତ୍ର, କୋଟିଆ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ ଓ ପିଇଓ ଦୁଃଶାସନ ନାୟକ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ-କର୍ମଚାରୀ।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ, ୩ ଗୁରୁତର



କଲ୍ୟାଣସିଂହପୁର, ୩୧।୧୨ (ଡି.ଏନ୍.ଏ.): ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର କୃଷ୍ଣନଗର ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ୩ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ମଙ୍ଗଳକୁ କୁନାକା(୪୪),ବୀର ଝୋଡିଆ(୩୮) ଓ ରେଙ୍ଗିଆ ବାରୁ (୫୨)। ସେମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କଲ୍ୟାଣସିଂହପୁର ବ୍ଲକ ଧାମଣିପଙ୍ଗା ପଞ୍ଚାୟତର କଟିକିନାଳ ଗ୍ରାମର ମଙ୍ଗଳକୁ କୌଣସି କାମରେ ରାୟଗଡା ଯାଉଥିଲେ। ବିପରୀତ ଦିଗରୁ କାଶିପୁର ବ୍ଲକର ରତାପଡା ଗ୍ରାମର ବୀର ଏବଂ ରେଙ୍ଗିଆ ବାରୁ କୃଷ୍ଣନଗର ଗ୍ରାମକୁ ଆସୁଥିଲେ । କୃଷ୍ଣନଗର ଗ୍ରାମ ନିକଟ ବୁଲାଣୀ ତଥା ଗଡାଣିଆ ରାସ୍ତାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ହୋଇଥିଲେ। କଲ୍ୟାଣସିଂହପୁର ଥାନା ଆଇଆଇସି ସୁକୁମା ହାଁସଦା ରାୟଗଡାରୁ ଫେରିବା ବେଳେ ଆହତମାନଙ୍କୁ ନିଜ ଗାଡିରେ ଆଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।

### ଓଲଟିଲା କାଠ ବୋଝେଇ ଟ୍ରକ୍



ରାୟଗଡ଼ା ଅଫିସ , ୩୧।୧୨: ରାୟଗଡ଼ାର କୋରାପୁଟ ଛକ ନିକଟରେ ଏକ କାଠ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି । ଫଳରେ କିଛି ସମୟ ଧରି ରାସ୍ତା ଜାମ ହୋଇଥିଲା । ଏଥିରେ କେହି ମୃତାହତ ହୋଇନାହାନ୍ତି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଆନ୍ଧ୍ର ପ୍ରଦେଶରୁ କାଠ ବୋଝେଇ କରି ଉକ୍ତ ଟ୍ରକ ଜେକେପୁର ଅଭିମୁଖେ ଯାଉଥିବା ସମୟରେ କୋରାପୁଟ ଛକରେ ବୁଲାଣି ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ।

### ଗୋରୁ ବୋଝେଇ ଗାଡ଼ି ଜବତ

ଧାମନଗର,୩୧।୧୨(ଡି.ଏନ.ଏ.): ଯାଜପୁର ଜିଲାରୁ ଧାମନଗର ଅଞ୍ଚଳକୁ ଯାଉଥିବା ଏକ ଗୋରୁ ବୋଝେଇ ଅଟୋକୁ ସ୍ଥାନୀୟ ଆନନ୍ଦପୁର ଅଞ୍ଚଳର ଲୋକେ ଅଟକାଇ ଧାମନଗର ପୋଲିସ ଜିମା ଦେଇଛନ୍ତି। ଓଡ଼ି୦୪ଏ-୧୧୫୬ ନଂ. ବିଶିଷ୍ଟ ଏକ ଅଟୋରେ ୫ଟି ଗୋରୁ ଏବଂ ଗୋଟିଏ ଛୋଟ ଷଣ୍ଢ ବୋଝେଇ ହୋଇ ଯାଉଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ।

# ଗ୍ରୀଟିଂସ୍ କାର୍ଡ଼ରେ ରହିଛି ଆତ୍ମୀୟତା

ରାୟଗଡ଼ା ଅଫିସ ,୩୧।୧୨

ହଜିଗଲାଣି ଗ୍ରୀଟିଂସ କାର୍ଡ଼ ମହକ। ଡିଜିଟାଲ ଯୁଗରେ ଅଲୋଡ଼ା ହୋଇଗଲାଣି ଏଇ ପାରମ୍ପରିକ ଶୁଭେଚ୍ଛା ବାର୍ତ୍ତା ଜଣାଇବାର ମାଧ୍ୟମ । ଦିନ ଥିଲା ନୂଆ ବର୍ଷ ଆସିଲେ ରାସ୍ତାଘାଟ, ବଜାର ହାଟ ସବୁଠି ଛାଇ ହୋଇଯାଉଥିଲା ଗ୍ରୀଟିଂସ କାର୍ଡ଼ର ଦୋକାନ । କାର୍ଡ଼ ପାଲଟୁଥିଲା ସମ୍ପର୍କ ଯୋଡ଼ିବାର ଏକ ନିବିଡ଼ ମାଧ୍ୟମ । କାର୍ଡ଼ ଜରିଆରେ ବନ୍ଧୁଙ୍କ ପାଖରେ କହି ହେଉଥିଲା ମନର ଭାଷା । ଏବେ କିନ୍ତୁ ମେଲ୍, ଏସ୍‌ଏମ୍‌ଏସ୍, ହ୍ୱାଟ୍‌ସଆପ, ଇନ୍‌ଷ୍ଟାଗ୍ରାମ ଆଦି ନେଇଛି କାର୍ଡ଼ର ଜାଗା । ଗ୍ରୀଟିଂସ ମାଧ୍ୟମରେ ଶୁଭେଚ୍ଛା ଆଦାନ ପ୍ରଦାନ କରିବା ପରମ୍ପରା ଅତି ନିଆରା । ଆଗରୁ ରାୟଗଡ଼ା ସହରରେ ଗ୍ରୀଟିଂସ କାର୍ଡ଼ ଦୋକାନ ଛତୁ ଫୁଟିଲା ଭଳି ଖୋଲୁଥିଲା। ହେଲେ ଏବେ କାଁ ଭାଁ ଖୋଲିଛି । ରାୟଗଡ଼ା ବଜାରରେ ୨ ଟଙ୍କା ଠାରୁ ଆରମ୍ଭ କରି ୧୦୦୦ ପର୍ଯ୍ୟନ୍ତ ଗ୍ରୀଟିଂସ କାର୍ଡ଼ ବିକ୍ରି କରାଯାଉଛି । ପ୍ରତ୍ୟେକ ବର୍ଗର ଲୋକେ କିଣିବାକୁ ଆସିଛନ୍ତି । ବିଗତ ବର୍ଷ ଅପେକ୍ଷା ଏହାର ବ୍ୟବହାର ଅନେକ ମାତ୍ରାରେ କମିଯାଇଛି ସତ,





ଛାତ୍ରୀମାନେ ଗ୍ରୀଟିଂସ୍ କାର୍ଡ କିଣୁଛନ୍ତି ।

ହେଲେ ଗ୍ରୀଟିଂସ କାର୍ଡ଼ରେ ଅଧିକ ଆତ୍ମୀୟତା ରହିଛି ବୋଲି ଅନେକେ ମତ ପ୍ରକାଶ କରିଛନ୍ତି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନକୁଳ ମୁଦୁଲି (୬୧) କହିଛନ୍ତି ଯେ, ହ୍ୱାଟ୍‌ସଆପ, ସୋସିଆଲ ମିଡ଼ିଆ ଓ ଗ୍ରୀଟିଂସ କାର୍ଡ଼ରେ ଶୁଭେଚ୍ଛା ଜଣାଇବା ଅଲଗା । ଗ୍ରୀଟିଂସ କାର୍ଡ଼ରେ ଯେଉଁ ଆତ୍ମୀୟତା ରହିଛି ତାହା ଆଉ କେଉଁଥିରେ ନାହିଁ । ଏଥିରେ ଶୁଭେଚ୍ଛା ଜଣାଇବାକୁ ଭଲ ଲାଗେ, ତେଣୁ ଏହା ମୋର ପସନ୍ଦ । ସେହିପରି ଜିତମ ସେଚୁରିୟନର ଛାତ୍ରୀ ପ୍ରିୟଙ୍କା ବାରିକ କୁହନ୍ତି, ନିଜ ଭାଇ ଓ ସାଙ୍ଗମାନଙ୍କ ସହ ଫୋନ ମାଧ୍ୟମରେ କଥାବାର୍ତ୍ତା ହେଲେ ମଧ୍ୟ ଗ୍ରୀଟିଂସରେ ଅଧିକ କଥା କହି ହୁଏ, ତେଣୁ ଗ୍ରୀଟିଂସକୁ ଅଧିକ ଗୁରୁତ୍ୱ ଦେଉଛି ।

# ପଲ୍ଲିଶ୍ରୀ ମେଳାରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ

ରାୟଗଡ଼ା ଅଫିସ ,୩୧।୧୨

ରାୟଗଡ଼ାର ଲୋକ ମହୋତ୍ସବ ଚଇତି ଅବସରରେ ଆୟୋଜିତ ହୋଇଥିଲା ପଲ୍ଲିଶ୍ରୀ ମେଳା । ଏଠାରେ ୩୦୫ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲିଥିଲା । ଏହି ମେଳାରେ ଗତ ବର୍ଷ ୪ କୋଟି ୧୩ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିଲା । ଚଳିତ ବର୍ଷ ମୋଟ ୪ କୋଟି ୫୮ ଲକ୍ଷ ୫୪ ହଜାର ଟଙ୍କାର ବ୍ୟବସାୟ ହୋଇଛି । ୫ ଦିନ ଧରି ଚାଲିଥିବା ଏହି ମେଳାରେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୨ କୋଟି ୨୪ ଲକ୍ଷ ୪୯ ହଜାର ଟଙ୍କା ର ବ୍ୟବସାୟ ହୋଇଛି। ସବୁଠାରୁ ଅଧିକ ବ୍ୟବସାୟ ସ୍ୱୟଂ ସହାୟକ ଗୋଷ୍ଠୀ କରିଛନ୍ତି । ମିଶନ ଶକ୍ତି ପକ୍ଷରୁ ୩୧ ଲକ୍ଷ ୪୮ ହଜାର , ଫୁଡ଼ କୋର୍ଟ ପକ୍ଷରୁ ୩୦ ଲକ୍ଷ ୮୧ ହଜାର , ପ୍ରାଇଭେଟ ସେଲସ ପକ୍ଷରୁ ୩୩ ଲକ୍ଷ ୫୬ ହଜାର , ପୁସ୍ତକ ବ୍ୟବସାୟ ୨ ଲକ୍ଷ ୧୨ ହଜାର ଟଙ୍କାର ହୋଇଛି । ସେହିପରି ଚାଷ ଜାତ ଦ୍ରବ୍ୟ ଏବଂ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ୬୩ ଲକ୍ଷ ୮୧ ହଜାର, ଆଞ୍ଚଳିକ ଶିଳ୍ପ କେନ୍ଦ୍ର ରାୟଗଡ଼ା ପକ୍ଷରୁ ୩୫ ଲକ୍ଷ ୪୩ ହଜାର ,ପଡ଼ିଆ ରେ ପ୍ରଦର୍ଶିତ ସାମଗ୍ରୀ ୨୪ ଲକ୍ଷ ୫୨ ହଜାର, ଅନ୍ୟାନ୍ୟ ଦ୍ରବ୍ୟ ୧୨ ଲକ୍ଷ ୩୨ ହଜାର ର ବ୍ୟବସାୟ ହୋଇଛି ।

# ଖବରଦାତା ସୁରକ୍ଷା ଆଇନ ପ୍ରଣୟନ ନେଇ ଦାବିପତ୍ର

ଗୁଣପୁର,୩୧।୧୨(ଡି.ଏନ.ଏ)

ରାଜ୍ୟ ସରକାର ସମସ୍ତ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ପ୍ରକାର ଜନ କଲ୍ୟାଣ ଯୋଜନା ଲାଗୁ କରୁଛନ୍ତି । ହେଲେ ଖବରଦାତାମାନଙ୍କୁ ସବୁକ୍ଷେତ୍ରରେ ଅବହେଳିତ କରି ରଖାଯାଉଛି । ଏପରିକି ସେମାନେ ବିଭିନ୍ନ ସମୟରେ ଖବର ସଂଗ୍ରହ ସମୟରେ ଆକ୍ରୋଶର ଶୀକାର ହେବାସହ ମାଡ ଖାଉଛନ୍ତି । ତେବେ ଏଦିଗରେ ସରକାର ସେମାନଙ୍କୁ କୌଣସି ସହଯୋଗ କିମ୍ବା ସୁରକ୍ଷା ପ୍ରଦାନ କରୁନାହାନ୍ତି । ତେଣୁ କର୍ତ୍ତବ୍ୟରତ ଖବରଦାତାମାନଙ୍କ ସୁରକ୍ଷା ପାଇଁ ଖବରଦାତା ସୁରକ୍ଷା ଆଇନ ପ୍ରଣୟନ କରାଯିବାକୁ ଦାବି ହୋଇଛି । ରାୟଗଡା ଜିଲା ଗୁଣପୁର ଖବରଦାତାମାନେ ମଙ୍ଗଳବାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପ୍ରମୋଦ କୁମାର ସାହୁ, ନରିସିଂହ ମହାନ୍ତି, ସନ୍ତୋଷ ଗୁରୁ, ରାମ ମହାନ୍ତି, ଶକ୍ତି ଦାସ, ସତ୍ୟ କର, ଟି.ରବି, ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତାମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ବାଜପେୟୀଙ୍କ ନାମରେ ରାସ୍ତା ନାମିତ କରିବା ନେଇ ଦାବିପତ୍ର

ଗୁଣପୁର,୩୧।୧୨(ଡି.ଏନ.ଏ)

ଗୁଣପୁର ସହର ରାସ୍ତାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ଗୁଣପୁର ସହରର ମେଡିକାଲ ଛକଠାରୁ ବାଇପାସ ଛକ ପର୍ଯ୍ୟନ୍ତ ରାସ୍ତାକୁ ବାଜପେୟୀଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି । ଭାରତ ରତ୍ନ ଅଟଳବିହାରୀ ବାଜପେୟୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନଗର ଉନ୍ନୟନ ବିଭାଗ ସଚୀବଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଗୁଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗତ ସେପ୍ଟେମ୍ବର ୧୯ ତାରିଖରେ



ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଟ୍ରଷ୍ଟ ପକ୍ଷରୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି । ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି । ସ୍ମାରକ ପତ୍ର ପ୍ରଦାନ ସମୟରେ ଟ୍ରଷ୍ଟ ପକ୍ଷରୁ ସୋମନାଥ ମହାକୁଡ, ଅମ୍ବିକାରାଣୀ ମହାପାତ୍ର, ଶ୍ରୀନିବାସ ସ୍ୱାଇଁ, ଉମାଶଙ୍କର ଦାସ, ବି.ସତିଶ କୁମାର ,ଲକ୍ଷ୍ମୀ ମହାକୁଡ, ଶିବା କୁମାର ଏବଂ ସଂଯୋଜକ ଚିନ୍ମୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲା ପରିଷଦ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକସଭା

ଗୁଡ଼ାରୀ,୩୧।୧୨(ଡ଼ି.ଏନ.ଏ)

ରାୟଗଡ଼ା ଜିଲାର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗଙ୍କ ବିୟୋଗରେ ଏକ ଶୋକସଭା ଗୁଡ଼ାରୀ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗ ଦେଇ ସ୍ୱର୍ଗତଃ ଗମାଙ୍ଗଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେ ଜଣେ ଉଚ୍ଚକୋଟିର ରାଜନେତା ସହ ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁ ଗୁଣପୁର ତଥା ରାୟଗଡ଼ା ଅଞ୍ଚଳ ନିମନ୍ତେ ଅପୂରଣୀୟ କ୍ଷତି ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ଶାନ୍ତି ଜାଗାରାଙ୍ଗାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପେଦିନା ରମେଶ, ସୁବାସ ଗୌଡ଼, ଗଙ୍ଗାଧର ଚାଲାଣ, ରାମ ଜାଗାରାଙ୍ଗା, ରାମଚନ୍ଦ୍ର ନନ୍ଦ, ସୁଶୀଲ ଗୁରୁ, ଏମ. ପ୍ରସାଦ, ଭାଗବତ ନାୟକ, ଅଶୋକ ପାତ୍ର, କୋରଡ଼ା ମାଝି, କେଦାର ସାହୁଙ୍କ ସମେତ ଅନେକ ବ୍ୟକ୍ତି ଯୋଗ ଦେଇଥିଲେ । ଗୋରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ନାଗରିକ କର୍ତ୍ତବ୍ୟ ନେଇ ସଚେତନତା କାର୍ଯ୍ୟକ୍ରମ



କୁନି କୁନି ପିଲାଙ୍କ ସହ ଯବାନ ଓ ଅନ୍ୟମାନେ ।

ମୁନିଗୁଡା,୩୧।୧୨(ଡ଼ି.ଏନ.ଏ)

ରାୟଗଡା ଜିଲା ମୁନିଗୁଡା ନିକଟସ୍ଥ ଝିଲିଗୁଡାସ୍ଥିତ ୮ମ ବାଟାଲିୟନ ସିଆରପିଏଫ ତରଫରୁ ସମ୍ବିଧାନ ଦିବସ ଓ ନାଗରିକଙ୍କ ମୌଳିକ ଅଧିକାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କମାଣ୍ଡାଣ୍ଟ ଏନ୍. କେ. ସିଂଙ୍କ ନିର୍ଦ୍ଦେଶକ୍ରମେ ସେକେଣ୍ଡ କମାଣ୍ଡାଣ୍ଟ ରାମ ଅବତାର ବାଟୋଲିଆଙ୍କ ନେତୃତ୍ୱରେ ଯବାନମାନେ ନିକଟସ୍ଥ କୁଦୁଲିମା ଗ୍ରାମରେ ପହଞ୍ଚି ସେଠାରେ ପ୍ରଥମେ ସ୍ୱଚ୍ଛଭାରତ ଅଭିଯାନ କରିବା ସହ ବିଦ୍ୟାଳୟ ପରିସର ଓ ଗ୍ରାମରେ ବୃକ୍ଷରୋପଣ କରିଥିଲେ। ପରେ ଗ୍ରାମର ମହିଳା, ପୁରୁଷ ଓ ଛାତ୍ରୀଛାତ୍ରମାନଙ୍କୁ ନେଇ ସମ୍ବିଧାନ ଏବଂ ନାଗରିକଙ୍କ ମୌଳିକ ଅଧିକାର ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ନିଜ ପରିବେଶକୁ ସବୁବେଳେ ସଫା ସୁତରା ରଖିବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସିଆରପିଏଫ ଅଧିକାରୀ ଭୋପାଲ ସିଂ ଓ ପି. ମଲ୍ଲିକ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

# ଜାତୀୟସ୍ତରରେ ରାୟଗଡ଼ା ଖେଳାଳିଙ୍କ ସଫଳତା

ରାୟଗଡ଼ା ଅଫିସ ,୩୧।୧୨

ଗତ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ନାଗପୁରଠାରେ ୩୪ ତମ ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ରାୟଗଡ଼ାର ଖେଳାଳିମାନେ ସଫଳତା ହାସଲ କରିଛନ୍ତି । ରାୟଗଡ଼ାରୁ ୧୬ ଜଣ ଖେଳାଳି ଭାଗ ନେଇଥିଲେ । ବ୍ୟକ୍ତିଗତ ଟାଇକୋଣ୍ଡୋ ସ୍ୱାଇରିଂ ରେ ଭାଗ ନେଇ ୭ ଜଣ ସ୍ୱର୍ଣ୍ଣ ପଦକ , ୪ ରୌପ୍ୟ ପଦକ ଓ ୪ ଜଣ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପି . ଶିବାୟା , ରୋହିତ କୁମାର ପଟ୍ଟନାୟକ , କୈସିକ ଜେନ , ଆରପାନ୍ତ ଆବ୍ରାହମ , ଦୀପକ କଣ୍ଡାଗରୀ , ବାରୁନ ଜେସୱାନୀ , ଏସ . ସୋରଭ , ସୁଶାନ୍ତ କୁମାର ସାହୁ , ଅର୍ଜୁନ ବୁଧୟକଙ୍କୁ ବ୍ଲାକ ବେଲଟ ପ୍ରଦାନ କରାଯାଇଛି । ଏହି ସଫଳତା ନେଇ କୃତୀ ଖେଳାଳିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।




କୃତୀ ଖେଳାଳିଙ୍କ ସହ ଅନ୍ୟମାନେ ।

# ମନୋଜ ହେଲେ ମିଷ୍ଟର କେବିକେ

ଜେକେପୁର,୩୧।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲକ୍ଷ୍ମୀପୁରଠାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କେବିକେ ଅନ୍ତର୍ଗତ ୮ ଜିଲାର ୯୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱର ବଡି ବିଲ୍ଡିଂ ଆସୋସିଏଶନର କର୍ମକର୍ତ୍ତା ଭାଗ ନେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ୯୦ ପ୍ରତିଯୋଗୀଙ୍କୁ ପଛରେ ପକାଇ ରାୟଗଡା ଜିଲା ସଦର ବ୍ଲକ ଦେବଦଳ ଗ୍ରାମର ମନୋଜ ପ୍ରଧାନୀ ମିଷ୍ଟର କେବିକେ ଭାବେ ମନୋନୀତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ କୁଲେସିକା ମୁଖ୍ୟଅତିଥି, ବଣିକ ସଂଘ ସଭାପତି ପରମେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମନୋଜଙ୍କ ଏହି ସଫଳତା ନେଇ ନିଜ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ତାଙ୍କର ଏହି ସଫଳତା ପଛରେ ପ୍ରଭାତ ସ୍ୱାଇଁ, କିଶୋର ପ୍ରଧାନୀ ଓ ରଞ୍ଜନ ସ୍ୱାଇଁଙ୍କ ବଳିଷ୍ଠ ଅବଦାନ ରହିଥିବା ସେ କହିଛନ୍ତି ।



ଅନ୍ୟ ପ୍ରତିଯୋଗୀଙ୍କ ସହ ମନୋଜ ପ୍ରଧାନୀ ।

# ପାତାଳେଶ୍ୱର ଶିବ ମନ୍ଦିରରେ ପର୍ଯ୍ୟଟକଙ୍କ ଭିଡ଼

ଥେରୁବାଲି, ୩୧।୧୨

ରାୟଗଡା ଜିଲା ସଦର ମହକୁମାଠାରୁ ମାତ୍ର ୩୦ କିଲୋମିଟର ଓ ଥେରୁବାଲି ଷ୍ଟେଶନଠାରୁ ମାତ୍ର ୨ କିଲୋମିଟର ଦୂରରେ ରହିଛି ପାଇକପଡା ପାତାଳେଶ୍ୱର ଶିବ ମନ୍ଦିର । ଓଡ଼ିଶାର କେତେକ ଶିବ ମନ୍ଦିର ମଧ୍ୟରୁ ରାୟଗଡା ଜିଲାର ଏହି ମନ୍ଦିର ସ୍ୱତନ୍ତ୍ର ସ୍ଥାନ ବହନ କରୁଛି। ଏକ ଗୁମ୍ଫା ମଧ୍ୟରୁ ପଥର ଫାଟି ଏଠାରେ ଶମ୍ଭୁ ବାହାରିଥିବାରୁ ଏହାକୁ ପାତାଳେଶ୍ୱର ମନ୍ଦିର ଭାବରେ ନାମିତ କରାଯାଇଛି । ଏହି ମନ୍ଦିରକୁ ଦର୍ଶନ ପାଇଁ ଓଡିଶା ସମେତ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ବିଭିନ୍ନ ପ୍ରାନ୍ତରୁ ବହୁ ପର୍ଯ୍ୟଟକ ଆସନ୍ତି। ଏବେ ନୂଆ ବର୍ଷ ପାଇଁ ମଧ୍ୟ ଅଧିକ ଭିଡ଼ ଜମୁଛି । ଏଠାରେ ଶିବରାତ୍ରି ସମେତ ଦଶହରା, ରଥଯାତ୍ରା, କାର୍ତ୍ତିକ ଓ ମାଘ ମାସର ସବୁ ସୋମବାରରେ ଅଧିକ ଭିଡ ଜମିଥାଏ ।

ପୁରାଣ ବର୍ଣ୍ଣିତ ବଳରାମଙ୍କ ଦ୍ୱାରା ତତ୍କାଳର ଲାଙ୍ଗୁଳି ଓ ବର୍ତ୍ତମାନର ନାଗାବଳୀ ନଦୀକୂଳରେ ଅବସ୍ଥିତ ପଞ୍ଚଶମ୍ଭୁ ଭିତରୁ ପାତାଳେଶ୍ୱର ଅନ୍ୟତମ। ଏହି ମନ୍ଦିର ନିର୍ମାଣ କେବେ ହୋଇଥିଲା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରମାଣ



ପାତଳେଶ୍ୱର ଶିବ ମନ୍ଦିର ।

ମିଳିନାହିଁ । କିନ୍ତୁ ମନ୍ଦିରର ନିର୍ମାଣ ଶୈଳୀରୁ ଏହା ୭୭୬ ଶତାବ୍ଦୀର ତଥା ଓଡ଼ିଶାର ତତ୍କାଳୀନ ଗଙ୍ଗବଂଶର ରାଜା ମାନଙ୍କ ଦ୍ୱାରା ନିର୍ମିତ ହୋଇଥିବା ଅନୁମାନ କରାଯାଉଛି । କେତେକ ଗବେଷକଙ୍କ ମତରେ ଏହା ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ନିଳାଚଳ ଗସ୍ତ ସମୟରେ ଏହା ନିର୍ମାଣ କରାଯାଇଥିବା ପ୍ରକାଶ କରୁଛନ୍ତି। ଏହି ମନ୍ଦିର ପାଖରେ ଜଗନ୍ନାଥ, ଦକ୍ଷିଣକାଳୀ ଆଉ ଛୋଟ ଛୋଟ ୧୭ ଗୋଟି ମନ୍ଦିର ରହିଛି। ଏଠାରେ ଉତ୍କଳୀୟ କାର୍ଯ୍ୟ ଓ ଭାସ୍କର୍ଯ୍ୟ ରେ ପରିପୂର୍ଣ୍ଣ ପ୍ରାଚୀନ ମନ୍ଦିରରାଜି ଅବସ୍ଥିତ। ଏହି ମନ୍ଦିର ପରିସରରେ ପୁରାତନ ଶୈବ, ଶାକ୍ତ, ଜୈନ, ବୌଦ୍ଧ ମୂର୍ତ୍ତି ଦେଖିବାକୁ ମିଳେ। ମୂର୍ତ୍ତି ପୂଜାରେ ବିଶ୍ୱାସ ରଖିଥିବା ବୌଦ୍ଧ ଧର୍ମାବଲମ୍ବୀ ବଜ୍ରଯାନପନ୍ଥିଙ୍କ ଦ୍ୱାରା ଏହା ନିର୍ମାଣ ଅନୁମେୟ। ଏହି ମୂର୍ତ୍ତିଗୁଡିକର ସୂକ୍ଷ୍ମ କାରୁକାର୍ଯ୍ୟ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରେ । ମନ୍ଦିରଗୁଡିକର ନିର୍ମାଣ ଶୈଳୀ ଅତି ମନଲୋଭା। ଷୋଡଶ ଶତାବ୍ଦୀରେ ଏହି ଅଞ୍ଚଳ ନନ୍ଦପୁର ରାଜାଙ୍କ ଅଧିନରେ ଆସିଲା ପରେ ପ୍ରଥମେ ନନ୍ଦପୁର ଓ ପରେ ଜୟପୁର ରାଜାଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଜୟପୁର ରାଜା ମୁକୁନ୍ଦ ଦେବଙ୍କ ଶାସନ କାଳରେ ପୁରୀ ଷୋଡଶରୁ ୨୪ ଗୋଟି ବ୍ରାହ୍ମଣ ପରିବାର ଆଣି ମନ୍ଦିର ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରିଥିଲେ। ୧୯୭୭ ମସିହାରେ ଏହି ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ରୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ହାତକୁ ନେଲେ। ଉତ୍କଳର ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଜୟ ପାଇଁ ଏହି ସ୍ଥାନ ଦେଇ ଯାଇଥିଲେ। ସେତେବେଳେ ମା’ ଦକ୍ଷିଣକାଳୀ, ପାତାଳେଶ୍ୱରଙ୍କ ପୂଜା କରିବାର ମାଦଳା ପାଞ୍ଜି ରେ ଉଲ୍ଲେଖ ରହିଛି।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ପୋଷ୍ଟର ଚିରିଲେ ଦୁର୍ବୃତ୍ତ

**ଚନ୍ଦାହାଣ୍ଡି,୩୧।୧୨(ଡି.ଏନ.ଏ)-** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଚାରିଛକ ମାଲଗାଁ ରୋଡରେ ଜମାଦାରପଡା ଶ୍ରୀ ଜଗନ୍ନାଥ ମନ୍ଦିର ଦଶମ ବାର୍ଷିକ ଉତ୍ସବ ଉପଲକ୍ଷେ ଶ୍ରୀମଦ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ପାଇଁ ବ୍ୟାନର ଲଗାଯାଇଛି। କିନ୍ତୁ ଏହି ବ୍ୟାନରକୁ କେହି ଦୁର୍ବୃତ୍ତ ସୋମବାର ରାତିରେ ଚିରି ଦେଇଥିବା ଦେଖିବାକୁ ମିଳିଛି। ଜମାଦାରପଡା ଜଗନ୍ନାଥ ସେବା ସମିତି ପକ୍ଷରୁ ବିଭିନ୍ନ ଗ୍ରାମରେ ଭାଗବତ ପ୍ରଚାର ପ୍ରସାର କରୁଛି। ଏଭଳି ବ୍ୟାନର ଚିରାକୁ ନେଇ ତ୍ରୀବ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ ପୂର୍ବତନ ଭାଜପା ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଂଯୋଜକ ସର୍ବେଶ୍ୱର ତ୍ରିପାଠୀ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୩୧।୧୨-** ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଅନୁଗୋଳ ପୋଲିସ ତୁରଙ୍ଗ ଅଞ୍ଚଳର ଭବାନୀଶଙ୍କର ଦାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଢେଙ୍କାନାଳ ଅଞ୍ଚଳର ପ୍ରକାଶ ଚନ୍ଦ୍ର ପ୍ରଧାନ ଅନୁଗୋଳ ତୁରଙ୍ଗ ଅଞ୍ଚଳରେ ରହୁଛନ୍ତି। ମଙ୍ଗଳବାର ପ୍ରକାଶ ଘରୁ ବଜାରକୁ ଆସୁଥିବାବେଳେ ଭବାନୀଶଙ୍କର ତାଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ■ ନାବାଳିକାଙ୍କୁ ବଳାତ୍କାର, ହତ୍ୟା ଘଟଣା

# ୪ରେ କୋଷାଗୁମୁଡ଼ା ବନ୍ଦ

### ବ୍ଲକ ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ଚେତାବନୀ

**କୋଷାଗୁମୁଡ଼ା,୩୧।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବାମୁଣୀ ପଞ୍ଚାୟତର ଏକ ଗ୍ରାମରେ ଗତ ୧୩ ତାରିଖ ରାତିରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନାହିଁ। ଏହାକୁ ନେଇ ଆସନ୍ତା ୪ ତାରିଖରେ କୋଷାଗୁମୁଡା ବନ୍ଦ କରାଯିବ ବୋଲି କୋଷାଗୁମୁଡ଼ା ବ୍ଲକ ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ପୀଡିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ପ୍ରଶାସନ, ନେତା, ମନ୍ତ୍ରୀ ଗୁରୁତ୍ୱ ଦେଉନାହାନ୍ତି । ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ । ଏଣୁ ଖ୍ରୀଷ୍ଟିୟାନ ସମାଜ ଆନ୍ଦୋଳନକୁ ଓହ୍ଲାଇବ ଏବଂ ପୀଡିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି ଜଣାଇବ । ଆସନ୍ତା ୪ ତାରିଖରେ କୋଷାଗୁମୁଡ଼ା ବ୍ଲକରେ ଦୋକାନ ବଜାର, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି । ଯଦି ୪ ତାରିଖ ମଧ୍ୟରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରେ ତେବେ ଆନ୍ଦୋଳନ ସ୍ଥଗିତ କରାଯିବ ବୋଲି ସୂଚନା ଦିଆଯାଇଛି । ସେପଟେ ପୀଡିତାଙ୍କ ପିଉସୀ ଓ ଦାଦା କହିଛନ୍ତି ଯେ,ନାବାଳିକାକୁ ବଳତ୍କାର କରାଯାଇ ନ ଥିବା ବ୍ୟବଚ୍ଛେଦ ରିପୋର୍ଟରେ ବାହାରିଛି ବୋଲି ରବିବାର ସନ୍ଧ୍ୟାରେ ପୋଲିସ ପଢ଼ି ଶୁଣାଇଛି । । ଏହି ରିପୋର୍ଟକୁ ପରିବାର ଲୋକ ଖଣ୍ଡନ କରୁଛୁ । ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । । ଖ୍ରୀଷ୍ଟିୟାନ ସମାଜ ମଧ୍ୟ ବଳାତ୍କାର ହୋଇ ନ ଥିବା ରିପୋର୍ଟକୁ ବିଶ୍ୱାସକୁ ନେଉ ନାହାନ୍ତି । ଯଦି ବଳାତ୍କାର ହୋଇ ନାହିଁ ତାହାଲେ ୨୪ ଘଣ୍ଟା କି ୪୮ ଘଣ୍ଟା ମଧ୍ୟରେ କାହିଁକି ରିପୋର୍ଟ ଦିଆଗଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏବେ ମଧ ଏହି ରିପୋର୍ଟକୁ ସାର୍ବଜନୀନ କରାଯାଉ ବୋଲି ଦାବି ଜଣାଇଛନ୍ତି । ଖବରଦାତା ସମ୍ମିଳନୀରେ ବ୍ଲକ ଖ୍ରୀଷ୍ଟିୟାନ ସମାଜର ସଭାପତି ହିମାଂଶୁ ଶେଖର ବାଘ, ଉପସଭାପତି କିଶୋରଚନ୍ଦ୍ର ଚାଲକି, ସମ୍ପାଦକ ସୁନ୍ଦର ମୋହନ ଶିଶକ୍, ସଭ୍ୟ, ଫୁଲଚାନ୍ଦ ପାଣି, ଉଇଲିୟମ ସିପ୍ପା, ଯଶିୟା କଶ୍ୟପ, ବସନ୍ତ ହିଆଲ, ସାଗର ଗମ୍ଭାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଖ୍ରୀଷ୍ଟିୟାନ ସମାଜର ସଦସ୍ୟମାନେ ।




# ବାପ ମାଡ଼ରେ ପୁଅ ମୃତ

**ରାଇଘର,୩୧।୧୨(ଡି.ଏନ.ଏ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ଚରଡିହି ଗ୍ରାମରେ ସୋମବାର ରାତିରେ ବାପା ମାଡରେ ପୁଅର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଧନସିଂ ଗଣ୍ଡ(୨୮)। ଚରଡିହି ଗ୍ରାମର ପଦୁ ଗଣ୍ଡ (୭୫) ଓ ପୁଅ ଧନସିଂ (୨୮)ଙ୍କ ମଧରେ ଅନେକ ସମୟରେ ବଚସା ହୋଇଥାଏ। ଅମଳ ଧାନ ଧନସିଂ ବିକ୍ରି କରିଥିବାରୁ ସୋମବାର ସନ୍ଧ୍ୟାରେ ଉଭୟଙ୍କ ମଧରେ ବଚସା ହୋଇଥିଲା । ହଠାତ ଧନସିଂ ରାଗିଯାଇ ପଦୁଙ୍କୁ ମାଡ ମାରିଥିଲା। ରାତିରେ ଧନସିଂ ଶୋଇଥିବା ଅବସ୍ଥାରେ ପଦୁ ଧାନକୁଟା ମୁଶଳରେ ପୁଅର ମୁହଁକୁ ମାରିଥିଲେ। ଘଟଣାସ୍ଥଳରେ ଧନସିଂଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପଦୁଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ରାଇଘର ଥାନାରେ ନଂ. ୧୪୨/୧୯ରେ ମାମଲା ରୁଜୁ ହୋଇଛି। ଏସଆଇ ଏସ. ଅଗସ୍ତି ଘଟଣାର ତଦନ୍ତ କରୁଛନ୍ତି।

# ବିଭିନ୍ନ ଦାବି ନେଇ ରାସ୍ତାରୋକୋ କରିବେ ଅଭିଭାବକ

**ଡାବୁଗାଁ, ୩୧।୧୨ (ଡି.ଏନ.ଏ.)–** ନବରଙ୍ଗପୁର ଜିଲା ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ଦାବି ନେଇ ଆସନ୍ତା ୨ ତାରିଖରେ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ଛାତ୍ରୀମାନଙ୍କ ଅଭିଭାବକମାନେ ରାସ୍ତାରୋକୋ କରିବେ। ଡାବୁଗାଁ–ନବରଙ୍ଗପୁର ମୁଖ୍ୟ ରାସ୍ତା ଅବରୋଧ କରି ଧାରଣା ଦେବେ ବୋଲିଅଭିଭାବକମାନେ ଚେତାବନୀ ଦେଇଛନ୍ତି । ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଛାତ୍ରୀମାନଙ୍କ ଅଭିଭାବକମାନେ ଗତ ୯ ତାରିଖ ଏକ ବୈଠକ କରିଥିଲେ। ବିଦ୍ୟାଳୟରେ ଖାଲି ପଡିଥିବା ସ୍ନାତକୋତ୍ତର ଗଣିତ ଶିକ୍ଷକ, ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ଶିକ୍ଷକ, ସ୍ନାତକୋତ୍ତର ଓଡିଆ ଶିକ୍ଷକ, ସ୍ନାତକ ଗଣିତ ଶିକ୍ଷକ ପଦବୀ ପୂରଣ ଓ ବିଜ୍ଞାନଗାର ପ୍ରତିଷ୍ଠା କରିବା ଆଦି ଦାବିଗୁଡିକ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ନିକଟକୁ ଲିଖିତ ଅଭିଯୋଗ ପତ୍ର ପଠାଇ ଥିଲେ। ୧୫ ଦିନ ମଧ୍ୟରେ ଦାବୀ ପୂରଣ ନହେଲେ ସମସ୍ତ ଅଭିଭାବିକା ଓ ଅଭିଭାବକ ମାନେ ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତା ଅବରୋଧ କରି ଧାରଣା ଦେବେ ବୋଲି ଜଣାଇଥିଲେ। ଏହି ପତ୍ରର ନକଲ ରାଜ୍ୟ ୫ଟି ସଚିବ, ବିଭାଗୀୟ ସଚିବ ଓ ଅଧିକାରୀ, ନବରଙ୍ଗପୁର ଜିଲାପାଳ, ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ପଠାଯାଇଥିଲା । ଏହାକୁ ୨୨ ଦିନ ବିତିଯାଇଥିଲେ ମଧ ସରକାରଙ୍କ ତରଫରୁ ଏନେଇ କୌଣସି ପଦକ୍ଷେପ ନିଆ ଯାଇ ନଥିବାରୁ ସମସ୍ତ ଅଭିଭାବିକା ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତା ଅବରୋଧ କରି ଧାରଣାରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଅବିଭାବକ ସଂଘ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତୁ ଜାନୀ, କମିଟି ସଭ୍ୟ ମଙ୍ଗଳ ଚରଣ ନାୟକ ରାସ୍ତାରୋକୋ ପାଇଁ ଲିଖିତ ଭାବେ ମଙ୍ଗଳବାର ଡାବୁଗାଁ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।




# ସଂଶୋଧିତ ନାଗରିକତ୍ୱ ଆଇନ ସପକ୍ଷରେ ଶୋଭାଯାତ୍ରା

**ନବରଙ୍ଗପୁର,୩୧।୧୨(ବି.ପ୍ର.)**

ହିନ୍ଦୁ ଏକତା ବାହିନୀ ପକ୍ଷରୁ ଭାରତ ସରକାରଙ୍କ ସଂଶୋଧିତ ନାଗରିକତ୍ୱ ଆଇନ ସପକ୍ଷରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହା ରାମମନ୍ଦିର ନିକଟରୁ ବାହାରି ନେତାଜୀ ସୁଭାଷବୋଷ ଛକ ପର୍ଯ୍ୟନ୍ତ ପହଞ୍ଚିଥିଲା । ଏଥିରେ ସହରର ଶତାଧିକ ବୁଦ୍ଧିଜୀବୀ, ମହିଳା ଓ ଯୁବକ ମାନେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାରେ ଭାରତମାତାକି ଜୟ, ବନ୍ଦେ ମାତରଂ, ଜୟହିନ୍ଦ, ଭାରତମାଟିରେ ଅନୁପ୍ରବେଶ କାରୀ ଚଳିବ ନାହିଁ ନାରା ଦେଇଥିଲେ । ଏଥିରେ ବଣିକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗଦଳ, ବ୍ରାହ୍ମଣ ସମାଜ, ମାରୱାଡି ଯୁବା ମଞ୍ଚ, ଆମ୍ବେଦର ଯୁବକ ସଂଘ, ଭାଜପା ଦଳ ସମେତ ବହୁ ଯୁବକ ସଂଘର କର୍ମକର୍ତ୍ତା ମାନେ ସମର୍ଥନ ଜଣାଇ ଯୋଗ ଦେଇଥିଲେ ।




ବାହାରିଥିବା ଶୋଭାଯାତ୍ରା ।

# କଂଗ୍ରେସର ହିଂସା ବିରୋଧରେ ଭାଜପାର ଧାରଣା

**ନବରଙ୍ଗପୁର,୩୧।୧୨(ବି.ପ୍ର.)**

ନବରଙ୍ଗପୁର ଜିଲା ବନ୍ଦ ବେଳେ କଂଗ୍ରେସର ହିଂସା ପ୍ରୋତ୍ସାହନ ବିରୋଧରେ ଭାଜପା ପକ୍ଷରୁ ଗାନ୍ଧି ପ୍ରତିମୂର୍ତ୍ତୀ ତଳେ ବସି ଧାରଣା ଦିଆଯାଇଛି । ଜିଲା ସଭାପତି ଜଗଦିଶ ବିଷୋୟୀଙ୍କ ନେତୃତ୍ୱରେ ଦଳର ବହୁ ନେତା କର୍ମୀମାନେ ଧାରଣାରେ ବସିଥିଲେ । ଦଳର ନେତା ପିସିସି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଏମପି ପ୍ରଦୀପ ମାଝୀ ହିଂସା ପାଇଁ ଉସୁକାଇବା ଓ ପରେ ପୋଡାଜଳା କରାଯିବାର ଘଟଣାର ପ୍ରତିବାଦ କରାଯାଇଥିଲା । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟାପର୍ଯ୍ୟନ୍ତ ଦଳର ନେତାମାନେ ଧାରଣାରେ ବସିଥିଲେ । ପରେ ବିଜେଡିର ବରିଷ୍ଠନେତା ତଥା ଜିଲାର ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା ସତ୍ୟ ନୁହଁ ବୋଲି ଦେଇଥିବା ମନ୍ତବ୍ୟର ତୀବ୍ର ବିରୋଧ କରାଯିବା ସହ ଗାନ୍ଧିଛକ ଠାରେ ତାଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା । ସେ ଜିଲାକୁ ନଆସି କେଉଁ ଆଧାରରେ ଏଭଳି ମିଥ୍ୟା ବିବୃତ୍ତି ଦେଲେ ବୋଲି ପ୍ରଶ୍ନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବନେତା ଗୌରୀଶଙ୍କର ମାଝୀ, ମନୋଜ ମହାଙ୍କୁଡ, ମୃତ୍ୟୁଞ୍ଜୟ ଦାଶ, ସୁବ୍ରତ ମିଶ୍ର, ଶୁଭେନ୍ଦୁ ସାମନ୍ତରାୟ, ଜୟନ୍ତ ପାତ୍ର, ସନାତନ ତ୍ରିପାଠୀ, ମନୋରମା ନାୟକ, ଶର୍ମିଷ୍ଠା ଦେଓ, ସୁନୀତା ପାଢ଼ୀ, ବବିତା ସାହୁ, ସୁକାନ୍ତି ବେହେରା, ରୀନା ତ୍ରିପାଠୀ, ବନିତା ତ୍ରିପାଠୀ, କୃଷ୍ଣଚନ୍ଦ୍ର ନାୟକ, ନରସିଂହ ସେଠିଆ, ମନୋଜ ସଗରିଆ, ଅରୁଣ ପୂଜାରୀ, ଭୁବନ ନାୟକ, ପର୍ଶୁରାମ ବିଷୋୟୀ, ସାଇ ବିଷୋୟୀ, ଆଇ.ରାବଣା, ଘନଶ୍ୟାମ ବିଷୋୟୀ, ପି.ବାସୁଦେବ ରାଓ, ଲକ୍ଷ୍ମଣ ନାୟକ, ଘନଶ୍ୟାମ ବୈରାଗୀ, ବାବୁଲା ନାୟକ, ଶ୍ରୀନିବାସ ଶତପଥୀ, ଶୁଭମ୍ ଚୌଧୂରୀ ପ୍ରମୂଖ ଶତାଧିକ କର୍ମକର୍ତା ଓ କର୍ମୀ ଯୋଗଦେଇଥିଲେ ।



ଭାଜପା ନେତାମାନେ ଧାରଣାରେ ବସିଛନ୍ତି।




# ଶିକ୍ଷା, ସାହିତ୍ୟ ଓ ସଂସ୍କୃତିକ କାର୍ଯ୍ୟକ୍ରମ 'ଅଇଲି ବୋଲା'

**ନବରଙ୍ଗପୁର,୩୧।୧୨(ବି.ପ୍ର.)**

ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ପର୍ବ 'ଅଇଲି ବୋଲା' ଗାନ୍ଧିନଗର ସ୍ଥିତ ସାଇକେୟାର ଏଜୁକେସନ ନିକଟସ୍ଥ ପଡିଆରେ ଅନୁଷ୍ଠିତ ହୋଇଛି । ଏଥିରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରି କହିଥିଲେ ଯେ, ଏହି ସାହିରେ ମୋ ପାଠ ପଢା ସମୟ ବିତିଛି । ଏହି ମାଟି ଅନେକଙ୍କୁ ବହୁ ଲୋକଙ୍କୁ ସଫଳତାର ଶିର୍ଷରେ ପହଞ୍ଚାଇଛି । ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ମହାପତ୍ର, ମୁଖ୍ୟବକ୍ତା ଡଃ. ବିଜୟ କୁମାର ମିଶ୍ର , ଅନ୍ୟତମ ଅତିଥି ପ୍ରାଧ୍ୟାପକ ଅଶିତ କୁମାର ପଟ୍ଟନାୟକ,ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା, ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର, ସାଇକେୟାର ଏଜୁକେସନର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ପାଢୀ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱରା ଦୁର୍ଗାପ୍ରସାଦ ପାଢୀଙ୍କ କବିତା ସଂକଳନ 'ତ୍ରିବେଣୀ' ଉନ୍ମୋଚନ ହୋଇଥିଲା । ଏହା ପରେ ଆମ ସମ୍ବିଧାନ ଏବଂ ସଂଶୋଧିତ ନାଗିରକତ୍ୱ ଆଇନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ନିଗମା ନନ୍ଦ ଆଶ୍ରମର ସଭାପତି ତଥା ସାହିତ୍ୟିକ ନାରାୟଣ ପଣ୍ଡା, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ. ସଂଯୁକ୍ତା ପଣ୍ଡା, ଅଧ୍ୟାପିକା ସ୍ୱପ୍ନା ମହାନ୍ତି, ରୋହିରୀ ରାଣି, ଜିଲା ଆଇନଜୀବୀ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ, ସମଗ୍ର ଶିକ୍ଷା ଅଭିଯାନ ଯୋଜନା ସଂଯୋଜକ ପ୍ରଦୀପ୍ତ ଷଡଙ୍ଗୀ ପ୍ରମୂଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ସହଦେବ ପରିଡା ସଂଯୋଜନା କରିଥିଲେ । ୨ୟ ଅଧିବେସନରେ ଆମ ସମ୍ବିଧାନ ଓ ମାନବ ଅଧିକାର ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲା ଶିକ୍ଷା ଓ ତାଲିମ କେନ୍ଦ୍ରର ପ୍ରାକ୍ତନ ଅଧ୍ୟକ୍ଷ ଜଗଦିଶ ଚନ୍ଦ୍ର ତ୍ରିପାଠୀ, ବିଦ୍ୟାର୍ଥୀ ବିଜ୍ଞାନ କଲେଜର ଅଧ୍ୟକ୍ଷ ସତ୍ୟ ନାରାୟଣ ନାୟକ, ଓକିଲ ସମରେଶ ଗନ୍ତାୟତ, ସନ୍ତୋଷ କୁମାର ସାହୁ, ଚକ୍ରପାରି ସାହୁ, ଡଃ. ରଘୁନାଥ ଶତପଥି ଓ କାଦମ୍ବିନୀ ତ୍ରିପାଠୀ ପ୍ରମୂଖ ଯୋଗ ଦେଇଥିଲେ । ୩ୟ ଅଧିବେଶନରେ କବିତା ପଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଦୀପ କୁମାର ହୋତା, ଡଃ.ପ୍ରଦୀପ କୁମାର ମିଶ୍ର, ଡଃ. ରାଜୀବ ଲୋଚନ ଜାଲ, ମଦନ ମୋହନ ନାୟକ, ଗରେଶ୍ୱର ଦାଶ, ବଂଶୀଧର ଭୂୟା ପ୍ରମୂଖ ଯୋଗ ଦେଇ କବିତାପାଠୋ କରିଥିଲେ । ୪ର୍ଥ ଅଧବବେଶନ ସନ୍ଧ୍ୟାରେ ଇନ୍ଦ୍ରାଣୀ ହୋତାଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ମଞ୍ଚ ନାଟକ ଆଶାର ଆଲୋକ ଏକ ଅନୁଭୁତି ଉପରେ ସାଇକେୟାର ଏଜୁକେସନର ଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ଏହାର ପରିକଳ୍ପନା କରିଥିଲେ ପ୍ରକାଶିନୀ ଚୌଧୁରୀ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନବ କିଶୋର ପଣ୍ଡା, ସୁରେଶ ମହାନ୍ତି, ଦିଲ୍ଲିପ ହୋତା, ଦେବ ମହାଙ୍କୁଡ, ସୁରେଶ ମହାପାତ୍ର, ରାମ କୃଷ୍ଣ ପାତ୍ର ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସୁଶୋଭିତା ତ୍ରରୁକ ଓ ରତିକାନ୍ତ ଦୁବେ ପରିଚାଳନା କରିଥିଲେ ।



ଅତିଥିମାନେ କବିତା ସଂକଳନ 'ତ୍ରିବେଣୀ' ଉନ୍ମୋଚନ କରୁଛନ୍ତି



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଚୋରା ଦେଶୀମଦ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି, ୩୧।୧୨ (ସ୍ୱ.ପ୍ର.) : ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିର ଆଦର୍ଶ ଥାନା ପକ୍ଷରୁ ପାଟ୍ରୋଲିଂ ସମୟରେ ଷ୍ଟାଡିୟମ ରାସ୍ତା ନିକଟରୁ ଜଣେ ବ୍ୟକ୍ତିଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ସି.ଏଚ୍.ଭାନୁ। ସେ ଷ୍ଟାଡିୟମ ରାସ୍ତାରେ ବୁଲୁଥିବା ବେଳେ ପୋଲିସ ଦେଖି ତାଙ୍କୁ ସନ୍ଦେହରେ ପଚରାଉଚରା କରିଥିଲା। ଯାଞ୍ଚ ବେଳେ ତାଙ୍କ ନିକଟରୁ ମଦ ମିଳିଥିଲା । ଏ ସମ୍ପର୍କରେ ଆଦର୍ଶ ଥାନାରେ ନଂ.୨୬୮/୧୯ରେ ଏକ ମାମଲା ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଭୋଳାନାଥ ପଣ୍ଡା କହିଛନ୍ତି ।

### ବୃଦ୍ଧଙ୍କୁ କମ୍ବଳ ବଣ୍ଟନ



ଚିତ୍ରକୋଣ୍ଡା,୩୧।୧୨(ଡି.ଏନ.ଏ.): ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ବିଡ଼ିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ଚିତ୍ରକୋଣ୍ଡା ଅଞ୍ଚଳରେ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଚିତ୍ରକୋଣ୍ଡା କଲୋନୀ, ବସ୍ତି ଓ ସାହି ଅଞ୍ଚଳରେ ରହୁଥିବା ବୃଦ୍ଧାବୃଦ୍ଧଙ୍କୁ ଏହି କମ୍ବଳ ମିଳିଛି। ଚିତ୍ରକୋଣ୍ଡା ଅଞ୍ଚଳରେ ହାଡ଼ ଭଙ୍ଗା ଶୀତ ଲାଗି ରହିଥିବାରୁ ବୃଦ୍ଧାବୃଦ୍ଧମାନେ ଅଶେଷ କଷ୍ଟ ପାଉଛନ୍ତି। ଯୋଗାଣ ସହାୟକ ତୁଷାରକାନ୍ତ ରାଉତ, ବିଶ୍ୱନାଥ ଖିଲ, ଗ୍ରାମ ରୋଜଗାର ସେବକ ସୁବାସ ଗୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଚିତ୍ରକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ମଧ କମ୍ବଳ ବଣ୍ଟନ କରାଯାଇଥିବା ଜଣାପଡିଛି।

### ୪୬୬ ଜଣଙ୍କୁ ଭତ୍ତା କାର୍ଡ ପ୍ରଦାନ

ଚିତ୍ରକୋଣ୍ଡା,୩୧।୧୨(ଡି.ଏନ.ଏ.): ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତ ପାଇଁ ନିକଟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ହୋଇଥିଲା। ସେହି ସମୟରେ ବିଭିନ୍ନ ଭତ୍ତା ପାଇଁ ହିତାଧିକାରୀମାନେ ଆବେଦନ କରିଥିଲେ। ୧୮ଟି ପଞ୍ଚାୟତ ଲାଗି ୪୬୬ ଜଣଙ୍କୁ ଭତ୍ତା ପାଇଁ ଚୟନ କରାଯାଇ ବିଡିଓଙ୍କ ନିର୍ଦ୍ଦେଶରେ ଭତ୍ତାକାର୍ଡ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଆନ୍ଧ୍ର କବ୍ଜାରେ ଜୁମଡାଙ୍ଗ ଗ୍ରାମର ୧୦ ହିତାଧିକାରୀ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଶିବିରରେ ଜୁମଡାଙ୍ଗର ସେହି ୧୦ ଜଣ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରିଥିଲେ। ସେମାନଙ୍କୁ ଭତ୍ତା କାର୍ଡ ପ୍ରଦାନ କରାଯାଇଛି।

■ ୭ ପଞ୍ଚାୟତବାସୀଙ୍କ ଦାବି

# ଜଙ୍ଗଲ ଜମି, ଘରଡିହ ପଟ୍ଟା ଦିଅ

ମାଲକାନଗିରି,୩୧।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଓଟିଇଏଲ୍ପି ସମ୍ମିଳନୀ କକ୍ଷରେ ମଙ୍ଗଳବାର ପରିବର୍ତ୍ତନର ଅଧ୍ୟକ୍ଷ ସନ୍ତୋଷ ଶୁକ୍ଲାଙ୍କ ଅଧ୍ୟକ୍ଷତାରେ ୭ଟି ପଞ୍ଚାୟତକୁ ନେଇ ଜଙ୍ଗଲ ଜମି ଅଧିକାର ଏବଂ ଭୂମିହୀନଙ୍କୁ ଘରଡିହ ପଟ୍ଟା ଯୋଗାଇବା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କ୍ଷୀରବ୍ଧି ବେହେରା, ଓଟିଇଏଲପିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ମିଶ୍ର, ଅବସରପ୍ରାପ୍ତ ବନପାଳ ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ଶତାଧିକ ପଞ୍ଚାୟତବାସୀ ଅଂଶଗ୍ରହଣ କରିଥିଲେ। ଜଙ୍ଗଲ ଜମି ଅଧିକାର ପାଇଁ ୨୦୦୭ରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନୀତି ନିୟମ ସମ୍ପର୍କରେ ପ୍ରଶାସକ ବେହେରା ସୂଚନା ଦେଇ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାରର ବିଭିନ୍ନ ପ୍ରଣାଳୀ, କମିଟି ଗଠନ, ନଥିପତ୍ର ପ୍ରସ୍ତୁତି, ବନବାସୀଙ୍କ ୭୫ ବର୍ଷର ପ୍ରମାଣ ପତ୍ର ସଂଗ୍ରହ ସହ ଗ୍ରାମସଭାରେ ଅନୁମୋଦନ ପରେ ପ୍ରଶାସନ ନିକଟକୁ ପଠାଇବାକୁ ଯେଉଁ ସବୁ ନୀତି ନିୟମ ରହିଛି ସେ ସମ୍ପର୍କରେ ବୁଝାଇଥିଲେ। ଜଙ୍ଗଲ ଜମି ନିୟମ ମଧ୍ୟରେ ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ଏନେଇ ଅଧିକାର ପାଇଥିବା ହିତାଧିକାରୀଙ୍କ ପାଇଁ କି କି ଯୋଜନା ପ୍ରଣୟନ ହୋଇଛି ସେ ଉପରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ଆଦିବାସୀ ଓ ବନବାସୀଙ୍କ ପାଇଁ ଯେଉଁ ନିୟମ ଲାଗୁ ହୋଇଛି ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଜିଲାରେ ବହୁସଂଖ୍ୟକ ହିତାଧିକାରୀ ଏହି ସୁବିଧା ପାଇପାରୁନାହାନ୍ତି। ଏହାକୁ କାର୍ଯ୍ୟକାରୀ କରିବା ଲାଗି ଉପସ୍ଥିତ ପଞ୍ଚାୟତବାସୀ ଦାବି କରିଥିଲେ। ସେମାନେ ଦାବି କରିଥିଲେ ଯେ, ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଥିବା ସାଧାରଣ ସମ୍ପତ୍ତି ଚିହ୍ନଟ, ରାଜସ୍ୱ ଓ ପଡାଗ୍ରାମଗୁଡିକରେ ଥିବା ଭୂମିହୀନଙ୍କୁ ଚିହ୍ନଟ କରି ଘରଡିହ ପଟ୍ଟା ଯୋଗାଇବା, ସେମାନଙ୍କୁ ଚାଷ ଜମି ଯୋଗାଇଦେବା, ଜଙ୍ଗଲ ଜମି ପାଇଥିବା ହିତାଧିକାରୀଙ୍କ ଜମିକୁ ଚିହ୍ନଟ କରିବା, ସିଲିଂ ଓ ଭୂ-ଦାନ ଜମିଗୁଡିକୁ ଚିହ୍ନଟ କରି ଆଦିବାସୀଙ୍କୁ ବିତରଣ କରିବା, ପ୍ରତ୍ୟେକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତହସିଲଦାର କ୍ୟାମ୍ପ କୋର୍ଟ କରି ଜଙ୍ଗଲ ଅଧିକାର କମିଟି ସହ ସମୀକ୍ଷା କରିବା, ଜଙ୍ଗଲ ଜମି ପାଇଁ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଆବେଦନ ପ୍ରକ୍ରିୟାରେ ଜନ ପ୍ରତିନିଧି ଏବଂ ହିତାଧିକାରୀଙ୍କୁ ଆଇନ ସମ୍ପର୍କରେ ପ୍ରଶିକ୍ଷଣ ଦେବାକୁ ସେମାନେ ଦାବି କରିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ ବୋଲି ପ୍ରକଳ୍ପ ପ୍ରଶାସକ ବେହେରା କହିଥିଲେ। କର୍ମଶାଳାରେ ଗୁଣ୍ଠାବେଡା, ଦୋରାଗୁଡା, ନୂଆଗୁଡା, କପାତୁଟି, ଚନ୍ତଲବାଡା, ଭେଜାଙ୍ଗିବାଡା, ଚିନ୍ତାପାଲି ପଞ୍ଚାୟତର ହିତାଧିକାରୀମାନେ ଅଂଶଗ୍ରହଣ କରିଥିଲେ।



ପ୍ରଶାସନ ପକ୍ଷରୁ ବସିଥିବା ବୈଠକରେ ଉପସ୍ଥିତ ୭ ପଞ୍ଚାୟତର ଅଧିବାସୀମାନେ ।

■ ମାଓବାଦୀଙ୍କ ପ୍ରରୋଚନାରେ

# ପୋଲିସ କ୍ୟାମ୍ପ ବିଦ୍ୟୁତ୍, ପାଣି ଲାଇନ୍ କାଟିଲେ ଗ୍ରାମବାସୀ

ମାଲକାନଗିରି,୩୧।୧୨(ସ୍ୱ.ପ୍ର.)

ସ୍ୱାଭିମାନ ଅଞ୍ଚଳରେ ପୁଣି ଅସନ୍ତୋଷ ଦେଖାଦେଇଛି। ଚିତ୍ରକୋଣ୍ଡା ବ୍ଲକ କନ୍ଥୁପଦର ଆଇଆରବିଏନ ପୋଲିସ କ୍ୟାମ୍ପରୁ ବିଦ୍ୟୁତ୍ ଓ ପାଣି ଲାଇନକୁ ମଙ୍ଗଳବାର ଗ୍ରାମବାସୀ କାଟି ଦେଇଛନ୍ତି। ମାଓବାଦୀଙ୍କ ପ୍ରରୋଚନାରେ ୫ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ କନ୍ଥୁପଦର ସ୍ଥିତ କ୍ୟାମ୍ପ ଉପରେ ନିଜର ପାରମ୍ପରିକ ଧନୁ, ତୀର ଓ ଟାଙ୍ଗିଆ ଧରି ଆକ୍ରମଣ କରିଥିଲେ। ପରେ ସେମାନଙ୍କ ପାଇପ୍ ଲାଇନ ଓ ବିଦ୍ୟୁତ୍ ତାର କାଟି ଦେଇଥିଲେ। ଗ୍ରାମବାସୀ କ୍ୟାମ୍ପ ପୋଲିସକୁ ପିଇବା ପାଣି, ପନିପରିବା, କୁକୁଡା, ମାଛ ଆଦି ନ ଦେବାକୁ ମାଓବାଦୀମାନେ କହିଛନ୍ତି। କୋଣସି ଜିନିଷ ନ ଦେବାକୁ ମଧ୍ୟ ସେମାନେ ବ୍ୟବସାୟୀଙ୍କୁ ଧମକଚମକ ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ମାଲକାନଗିରି ଏସପି ଋଷିକେଶ ଡି. ଖିଲାରିଙ୍କୁ ପଚାରିବାରୁ ସେ କହିଲେ ଯେ, ଖୁବଶୀଘ୍ର କ୍ୟାମ୍ପର ବିଦ୍ୟୁତ୍ ଓ ପାଣି ବ୍ୟବସ୍ଥାକୁ ସ୍ୱାଭାବିକ କରାଯିବ।



ପୋଲିସ କ୍ୟାମ୍ପ ବିଦ୍ୟୁତ୍, ପାଣି ସଂଯୋଗ କାଟିବା ପୂର୍ବରୁ ଏକାଠି ହୋଇଥିବା ଗ୍ରାମବାସୀ ।

# ଠିକା କର୍ମଚାରୀଙ୍କୁ ଦରମା ଦେଉନାହାନ୍ତି ଠିକାଦାର

ପାରଳାଖେମୁଣ୍ଡି, ୩୧।୧୨ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସାଉଥ୍କୋ ବିଦ୍ୟୁତ୍ ବଣ୍ଟନ ସଂସ୍ଥାର ଠିକା କର୍ମଚାରୀମାନେ ସେମାନଙ୍କୁ ଦୀର୍ଘ ୫ମାସ ହେବ ଠିକାଦାର ଦରମା ଦେଇ ନ ଥିବା ଅଭିଯୋଗ କରିଛନ୍ତି। ଜିଲାରେ ସାଉଥ୍କୋର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ବର୍ତ୍ତମାନ ୫ମାସ ହେଲା ଦରମା ମିଳିନାହିଁ। ଫଳରେ ସେମାନେ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଏମ୍ଏସ୍ ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହି କର୍ମଚାରୀମାନେ ଦରମା ପାଇ ନ ଥିବା ନେଇ କରିଥିବା ଅଭିଯୋଗକୁ ଭିତ୍ତି କରି ସମ୍ପୃକ୍ତ ଠିକାଦାର ଏବଂ ସାଉଥ୍କୋର ନିର୍ବାହୀଯନ୍ତ୍ରୀଙ୍କୁ ନୋଟିସ କରାଯାଇଛି। ସେମାନେ ଆସନ୍ତା ଜାନୁୟାରୀ ୧୦ରେ ଆସି ଏ ସମ୍ପର୍କରେ ବିବରଣୀ ପ୍ରଦାନ କରିବେ ନଚେତ୍ ଅନ୍ୟ ପଦକ୍ଷେପ ଗ୍ରହଣ କରାଯିବ । ଅନ୍ୟପକ୍ଷରେ କର୍ମଚାରୀମାନେ ଦରମା ବ୍ୟତୀତ ସେମାନଙ୍କୁ ଇଏସ୍ଆଇ କାର୍ଡ ପ୍ରଦାନ କରାଯାଇ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି । ଆସନ୍ତା ୧୦ରେ ସେମାନଙ୍କୁ ବେତନ ପ୍ରଦାନ ନ କଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜି.ପ୍ରସାଦରାଓ, ମୃତ୍ୟୁଞ୍ଜୟ ପାଢୀ, ବିଜୟକୁମାର, ମୋହନ କୁମାରଙ୍କ ସମେତ ଅନ୍ୟ କର୍ମଚାରୀମାନେ ପ୍ରକାଶ କରିଛନ୍ତି ।



ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଠିକା କର୍ମଚାରୀମାନେ ।

### ଚିତ୍ରକୋଣ୍ଡାରେ ଜିଲାସ୍ତରୀୟ ପକ୍ଷୀଗଣନା ପ୍ରଶିକ୍ଷଣ ଶିବିର

ଚିତ୍ରକୋଣ୍ଡା,୩୧।୧୨(ଡି.ଏନ.ଏ.)

ଚିତ୍ରକୋଣ୍ଡା ଯୁକୋ ପାର୍କଠାରେ ମାଲକାନଗିରି ବନଖଣ୍ଡ ଏବଂ ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ଜିଲାସ୍ତରୀୟ ପକ୍ଷୀ ଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ପ୍ରଦୀପ ମୀରାସେଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାପୁଟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ଦୀପ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ସହ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ଉପସ୍ଥିତ ଥିଲେ। ମାଲକାନଗିରି ଜିଲାର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀ ଏହି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ। ପକ୍ଷୀମାନଙ୍କୁ ଗଣନା କରାଯିବା ପାଇଁ ଥିବା ବିଭିନ୍ନ କୌଶଳ, ସହଜ ଗଣିବା ପ୍ରଣାଳୀ, ନୂଆ ପକ୍ଷୀଙ୍କ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରିବା, ଭିନ୍ନଭିନ୍ନ ପ୍ରଜାତିର ପକ୍ଷୀଙ୍କ ଗଣନା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବିରକୁ ବନାଞ୍ଚଳ ଅଧିକାରୀ ବଳରାମ ନାୟକ ଓ ବନପାଳ ମୃତ୍ୟୁଞ୍ଜୟ ସେଠୀ ପରିଚାଳନା କରିଥିଲେ।

# ରାମଗିରିରେ ହାଡ଼ଭଙ୍ଗା ଜାଡ଼

ପାରଳାଖେମୁଣ୍ଡି, ୩୧।୧୨ (ସ୍ୱ.ପ୍ର.)

ସାରା ରାଜ୍ୟରେ ଥଣ୍ଡାର ପ୍ରକୋପ ଗତ କିଛିଦିନ ହେବ ବୃଦ୍ଧି ପାଇଥିବାବେଳେ ଗଜପତି ଜିଲା ଭଳି ପାର୍ବତ୍ୟ ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଗଜପତି ଜିଲା ଆର. ଉଦୟଗିରି ବ୍ଲକ ରାମଗିରି ଅଞ୍ଚଳରେ ଶୀତର ପ୍ରଭାବ ଅଧିକ ମାତ୍ରାରେ ଅନୁଭୂତ ହେଉଛି। ପ୍ରବଳ ଜାଡରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲାଣି। ଗତ ତିନି ଦିନ ଧରି ରାମଗିରି ଅପେକ୍ଷା ଆଖପାଖ ଗ୍ରାମାଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଶୀତରୁ ରକ୍ଷା ପାଇବାପାଇଁ ଲୋକେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି। ଜିଲା ସଦର ମହକୁମା ପାରଳାଖେମୁଣ୍ଡିସହ ଆର୍.ଉଦୟଗିରି, ଗୁମ୍ମା ମୋହନା ଓ ରାୟଗଡ ବ୍ଲକରେ ଶୀତର ପ୍ରକୋପ ଖୁବ୍ ଅଧିକ ରହିଥିବାର ଦେଖିବାକୁ ମିଳୁଛି । ଦିନ ୧୦ଟା ପର୍ଯ୍ୟନ୍ତ ଘନ କୁହୁଡି ଲାଗି ରହୁଥିବାରୁ ଏହି ସବୁ ଅଞ୍ଚଳରେ ଗମନାଗମନରେ ସମସ୍ୟା ସୃଷ୍ଟି ହେଉଛି।



ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ବସିଛନ୍ତି ।

# ମାତୃ ସମ୍ମିଳନୀରେ ନାରୀ ସୁରକ୍ଷା ଉପରେ ଗୁରୁତ୍ୱ

ରାୟଗଡ(ଗଜପତି), ୩୧।୧୨(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ କରଡାସିଂସ୍ଥିତ ପାରଳାଜାରା କୁଳ ସଂସ୍କାର ସମିତି କାର୍ଯ୍ୟାଳୟଠାରେ ଏକ ମାତୃସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜାରାକୁଳର ସଭାପତି ନନ୍ଦକିଶୋର ଜାନିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ନାରୀ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏବେ ସମାଜର ନାରୀମାନଙ୍କ ପ୍ରତି ଅସମ୍ମାନ ବଢିଚାଲିଛି। ନାରୀ ଶିକ୍ଷା, ନାରୀ ସମାଜରେ ରହିଥିବା କୁସଂସ୍କାର ଦୂରୀକରଣ ନେଇ ଆଲୋଚନା ହୋଇଥିଲା । ଏଥିରେ ୭୦ଟି ଗ୍ରାମର ଶତାଧିକ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଧାକୃଷ୍ଣ ଜାନି, ସୁରେନ୍ଦ୍ର ଦଳାଇ, ଶିବଶଙ୍କର ଭୂୟାଁ ପରିଚାଳନା କରିଥିଲେ ।



ସମ୍ମିଳନୀରେ ଉପସ୍ଥିତ ମହିଳାମାନେ ।

### ଗଞ୍ଜେଇ ଜବତ, ଜଣେ ଗିରଫ

ଫିରିଙ୍ଗିଆ, ୩୧।୧୨

ଫିରିଙ୍ଗିଆ ଥାନା ପୋଲିସ ସ୍ଥାନୀୟ ସିମିଳି ସାହିରେ ଚଢ଼ାଉ କରି ଏକ କାର ସହ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ଦେବୀଦତ୍ତ ବରାଳ ଓରଫ ନକୁଳ । ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । କି.ଗ୍ରା ଗଞ୍ଜେଇ ମିଳିଥିଲା । କେସ୍ ନଂ.୧୧୭/୧୯।

# କୁକୁଡା ପାଳନ ସମ୍ପର୍କରେ ତାଲିମ କାର୍ଯ୍ୟକ୍ରମ

ମାଲକାନଗିରି,୩୧।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଡିଆରଡିଏ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାର ୭ଟି ବ୍ଲକର ସମାଜ ମଙ୍ଗଳ ଅଧିକାରୀ, ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଜୀବିକା ମିଶନ ସହାୟତାରେ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ଦାସ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଏକେ ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ସଙ୍ଗୀତା ପାଢୀ, ଜୟନ୍ତ କୁମାର କୁର୍ମି, ଜିଲା ଆଦିବାସୀ ଜୀବନ ଜୀବିକା ମିଶନ ସଂଯୋଜକ ପବିତ୍ର ମୋହନ ବାରା ଉପସ୍ଥିତ ଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତୀକରଣ ପାଇଁ ଓଡିଶା ଜୀବିକା ମିଶନ ପକ୍ଷରୁ କୁକୁଡା, ବତକ, ଗାଈ, ଛେଳି ପାଳନ ଲାଗି କି ପ୍ରକାର ପଦ୍ଧତି ଅବଲମ୍ବନ କରିବାକୁ ପଡିବ ସେ ନେଇ ଉପସ୍ଥିତ ପ୍ରାଣୀ ଚିକିତ୍ସାଧିକାରୀମାନେ ତାଲିମ ଦେଇଥିଲେ। କୁକୁଡା ପାଳନ ପୂର୍ବରୁ ଘର ପ୍ରସ୍ତୁତି, ଘର ଚତୁଃପାର୍ଶ୍ୱର ପରିବେଶ, ରୋଗ ନିୟନ୍ତ୍ରଣ ବ୍ୟବସ୍ଥା, ଲାଳନ ପାଳନ, ରୋଗ ଆକ୍ରମଣ ହେଲେ ସଂକ୍ରମଣ ପୂର୍ବରୁ କିପରି ଟିକା ପ୍ରଦାନ ଏବଂ କୁକୁଡା, ବତକ ଓ ଛେଳି ବଡ ହେଲା ପରେ କିପରି ବିକ୍ରି କରି ଲାଭବାନ ହେଇପାରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ପାଇଥିବା ବ୍ଲକସ୍ତରୀୟ ଅଧିକାରୀମାନେ ଗ୍ରାମାଞ୍ଚଳକୁ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ତାଲିମ ଦେବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଏହା ସଫଳ ହେଲେ ଜିଲାରେ ଗ୍ରାମାଞ୍ଚଳର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହେବା ସହ ସେମାନଙ୍କ ଜୀବନ ଜୀବିକାରେ ଉନ୍ନତି ହେବ ବୋଲି କୁହାଯାଇଥିଲା।



ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

■ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସ୍ମାରକୀ ଉତ୍ସବ

# ଅହିଂସାର ବାର୍ତ୍ତା ବାଣ୍ଟିଥିଲେ ଗାନ୍ଧୀ

ପାରଳାଖେମୁଣ୍ଡି, ୩୧।୧୨ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଯୋଗଦେଇ ୧୯୨୭ ଡିସେମ୍ବର ୩ରେ ମହାତ୍ମାଗାନ୍ଧୀ ପାରଳାଖେମୁଣ୍ଡି ଗସ୍ତ କରିଥିବା ସ୍ମରଣୀୟ ମୁହୂର୍ତ୍ତକୁ ମନେ ପକାଇଥିଲେ। ସେ ସମୟରେ ତାଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶଶୁର ନିରଞ୍ଜନ ପଟ୍ଟନାୟକ, ଗୋବିନ୍ଦ ମିଶ୍ର ପ୍ରମୁଖ ପାରଳାଖେମୁଣ୍ଡି ଆସିଥିଲେ। ସେସମୟରେ ସେମାନେ ପାରଳାଖେମୁଣ୍ଡି ସ୍ଥିତ ଗୋପାଳକୃଷ୍ଣ ପାଠାଗାରଠାରେ ଏକ ବୈଠକରେ ଯୋଗଦେଇଥିଲେ। ଗାନ୍ଧୀ ମଧ୍ୟାହ୍ନ ୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜନସାଧାରଣଙ୍କୁ ତାଙ୍କର ଉଦ୍‌ବୋଧନ ଦେବା ସହ ତାଙ୍କର ଅହିଂସା ନୀତି ବିଷୟରେ ଅବଗତ କରାଇଥିଲେ। ସେ ସମୟରେ ଭାରତ ସ୍ୱାଧୀନ ହୋଇ ନ ଥିବାରୁ ସେ ସ୍ୱଦେଶୀ ନୀତି ଉପରେ ଲୋକମାନଙ୍କୁ ବୁଝାଇବା ସହ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବାକୁ ଆହ୍ୱାନ ଦେଇଥିବା କୁହାଯାଉଛି । ତାଙ୍କର ୧୫୦ତମ ଜୟନ୍ତୀ ସ୍ମାରକୀ ଉତ୍ସବରେ ତାଙ୍କର ସ୍ମୃତିଚାରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ଅବସରପ୍ରାପ୍ତ ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଇନଜୀବୀ ବଟକୃଷ୍ଣ ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ, ଅଚ୍ୟୁତାନନ୍ଦ ବସ୍ତିଆ, ଭାରତ ଭୂଷଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

